## ସଂକ୍ଷେପରେ

### ଘରୁ ଚୋରି ମାମଲା, ୨ ଗିରଫ
#### ଚୋରି ଲାପ୍‌ଟପ୍‌, ୨ ମୋବାଇଲ ଜବତ



**ରାୟଗଡ଼ା,୨୩।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଟାଉନ ଥାନା ପକ୍ଷରୁ ଏକ ଚୋରି ମାମଲାର ତଦନ୍ତକରି ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ରାୟଗଡ଼ା ସହରସ୍ଥିତ ବ୍ୟାଙ୍କ କଲୋନିର ଦେବାଶିଷ ବେହେରା(୩୦) ଓ ମହମ୍ମଦ ମୁସ୍ତାଫା(୩୫)। ସେମାନଙ୍କଠାରୁ ଗୋଟିଏ ଚୋରି ଲାପ୍‌ଟପ୍‌ ଏବଂ ୨ଟି ମୋବାଇଲ ଜବତ ହୋଇଥିବା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ସହରର ଜଣେ ଶିକ୍ଷକ ସପରିବାର କୌଣସି କାମରେ ଭୁବନେଶ୍ୱର ଯାଇଥିଲେ । ତେବେ ୧୨ ତାରିଖରେ ଭୁବନେଶ୍ୱରରୁ ଫେରିବା ପରେ ଘରେ ଚୋରି ହୋଇଥିବା ଦେଖି ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଏତଲାକୁ ଭିତ୍ତିକରି ପୋଲିସ ୪୪/୨୪ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଦେବାଶିଷ ଓ ମୁସ୍ତାଫା ଉକ୍ତ ଚୋରି କରିଥିବା ଜଣାପଡ଼ିବା ପରେ ୨ଜଣଙ୍କୁ ପୋଲିସ ଗିରଫ କରିଥିଲା । ଆଗାମୀ ଦିନରେ ସହରରେ ଚୋରି ରୋକିବାକୁ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ ବୋଲି ଆଇଆଇସି କହଁର ସୂଚନା ଦେଇଛନ୍ତି।

### ଟ୍ରେନ୍‌ରୁ ପଡ଼ି ମହିଳା ଗୁରୁତର

**ଟିକିରି,୨୩।୨ (ପ୍ରଫୁଲ କୁମାର ବେହେରା)**

କାଶୀପୁର ବ୍ଲକ ଅନ୍ତର୍ଗତ ସିଙ୍ଗାରାମ ଷ୍ଟେଶନ ନିକଟରେ କୋରାପୁଟ-ରାଉରକେଲା ଟ୍ରେନ୍‌ରୁ ପଡ଼ି ଜଣେ ମହିଳା ଗୁରୁତର ହୋଇଛି। ଆହତ ମହିଳା ଜଣକ ହେଲେ ଟିକିରି ଷ୍ଟେଶନରୋଡ ନିକଟସ୍ଥ ସାହିର ସଙ୍ଗୀତା ନାଏକ (୨୭) । ତାଙ୍କୁ ଗୁରୁତର ଅବସ୍ଥାରେ ସିଙ୍ଗାରାମ ଷ୍ଟେଶନରୁ ଉଦ୍ଧାର କରାଯାଇ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସଙ୍ଗୀତା ପ୍ରତ୍ୟେକ ଦିନ ଟ୍ରେନ୍‌ରେ ଟିକିରିଠାରୁ ନିଜ କର୍ମସ୍ଥଳକୁ ଯିବା ଆସିବା କରିଥାନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ଟ୍ରେନ୍‌ରେ ଘରକୁ ଫେରୁଥିବାବେଳେ ସିଙ୍ଗାରାମ ଷ୍ଟେଶନ ନିକଟରେ କିଏ ତାଙ୍କୁ ଠେଲି ଦେଇଥିବା ସଙ୍ଗୀତା କହିଛନ୍ତି।

### ଗଞ୍ଜେଇ ଚାଲାଣ, ୩ ଗିରଫ

**ମାଲକାନଗିରି,୨୩।୨(ଦୁର୍ଯ୍ୟୋଧନ ପାତ୍ର)**

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମାଲକାନଗିରି ପୋଲିସ ୨ଜଣଙ୍କୁ ଏବଂ ଗଞ୍ଜେଇ ଚାଲାଣରେ ସାମିଲ ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ ଜବତ ହୋଇଛି। ମାଲକାନଗିରି ସଦର ବିଏଲକେ ଅନ୍ତର୍ଗତ ଏମଭି-୨ ଗ୍ରାମର ମିଥୁନ ବିଶ୍ୱାସ ଗତ ୨୦୨୨ରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିଲେ।

# ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ପାଇବେ କ୍ରୀଡ଼ାବିତ୍

**ରାୟଗଡ଼ା/ଗୁଣପୁର,୨୩।୨ (ଆଶିଷ ରଞ୍ଜନ ପଣ୍ଡା/ ପ୍ରଦୀପ କୁମାର ପାଢୀ)**

ରାୟଗଡ଼ା, ଗୁଣପୁର ପୌରାଞ୍ଚଳ ଏବଂ ଗୁଡ଼ାରି ବିଜ୍ଞାପିତ ଅଞ୍ଚଳରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନ ୪ଟାରେ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନୀଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ରାୟଗଡା ପୌରାଞ୍ଚଳର ଆମ୍ବାଗୁଡାଠାରେ ୯ କୋଟି ୮୬ ଲକ୍ଷ ଟଙ୍କା, ଗୁଣପୁରଠାରେ ୯କୋଟି ୬୭ଲକ୍ଷ ଟଙ୍କା ଏବଂ ଗୁଡ଼ାରିରେ ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ କରାଯାଇଛି। ଏହି ଷ୍ଟାଡ଼ିୟମରେ ଟେବୁଲ ଟେନିସ୍, ଭାରୋତ୍ତଳନ ଓ ବ୍ୟାଡମିଣ୍ଟନ ସହିତ ବିଭିନ୍ନ ପ୍ରକାର ଖେଳର ବ୍ୟବସ୍ଥା ରହିଛି । ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାର ଲୁକ୍କାୟିତ କ୍ରୀଡ଼ା ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ କ୍ରୀଡ଼ାବିତ୍‌ଙ୍କୁ ସମସ୍ତ ସୁବିଧା ଯୋଗାଇବା ଉଦ୍ଦେଶ୍ୟରେ ଏହି ଷ୍ଟାଡିୟମ ନିର୍ମାଣ କରାଯାଇଥିବା ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି। ରାୟଗଡ଼ା ଇନଡୋର ଷ୍ଟାଡ଼ିୟମଠାରେ ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଅମ୍ବିକେୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ରାୟଗଡ଼ାସ୍ଥିତ ଇନ୍‌ଡୋର ଷ୍ଟାଡ଼ିୟମର ଉଦଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ଜିଲାପାଳ ଓ ଅନ୍ୟମାନେ ।

### ଜିଲାରେ ଲୋକାର୍ପିତ ହେଲା ୩ ଇନ୍‌ଡୋର ଷ୍ଟାଡ଼ିୟମ

ସେହିଭଳି ଗୁଣପୁରଠାରେ ଷ୍ଟାଡିୟମ ପରିସରରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ଗୁଣପୁର ଉପ ଜିଲାପାଳ କୀରଣ ଦୀପ କୌର, ତହସିଲଦାର ଲୀଳାବତୀ ଆଚାରି, ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦର, ପୂର୍ତ୍ତ ବିଭାଗ ଡିଭିଜନ-୨ର ନିର୍ବାହୀ ଯନ୍ତ୍ରୀ ଦୁର୍ଗା ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଡାରିଠାରେ ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର,ବିଡ଼ିଓ ଅନୀଷା ଦାସ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# କୋର୍ଟରେ ହାଜର ହେଲେ ମାଓବାଦୀ ନେତା ସବ୍ୟସାଚୀ




ସବ୍ୟସାଚୀ ପଣ୍ଡା ଗୁଣପୁର କୋର୍ଟରୁ ବାହାରୁଛନ୍ତି ।

**ଗୁଣପୁର,୨୩।୨(ପ୍ରଦୀପ କୁମାର ପାଢୀ)**

ରାୟଗଡା ଜିଲା ଗୁଣପୁର କୋର୍ଟରେ ଶୁକ୍ରବାର ହାଜର ହୋଇଥିଲେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା। ଗୁଣପୁର ସବ୍‌ଜଜଙ୍କ କୋର୍ଟରେ ୩ଟି ଏବଂ ଏଡିଜେଙ୍କ କୋର୍ଟରେ ୫ଟି ଏପରି ମୋଟ ୮ଟି ମାମଲାର ସାକ୍ଷ୍ୟ ଗ୍ରହଣ ପାଇଁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ତେବେ କୌଣସି ସାକ୍ଷୀ ସାକ୍ଷ୍ୟ ଦେବାକୁ ଆସି ନ ଥିବାରୁ ମାମଲାର ଶୁଣାଣି ହୋଇପାରି ନ ଥିଲା। ଫଳରେ ଆସନ୍ତା ୨୩ ତାରିଖରେ ପୁଣି ସବ୍ୟସାଚୀଙ୍କୁ କୋର୍ଟରେ ହାଜରକରିବା ପାଇଁ ଜଜ୍ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ତାଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅପରପକ୍ଷେ ସବ୍ୟସାଚୀଙ୍କ ଓକିଲ ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି, ସମସ୍ତ ମାମଲାରେ ଥିବା ସାକ୍ଷୀଙ୍କୁ ବାରମ୍ବାର ସମନ କରାଯାଉଥିଲେ ମଧ୍ୟ ସେମାନେ କୋର୍ଟକୁ ଆସୁନାହାନ୍ତି। ତେଣୁ ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ସାକ୍ଷୀମାନଙ୍କ ବିଚାରଣା ନ କରି ମାମଲାର ରାୟ ପ୍ରକାଶ କରିବା ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ କୋର୍ଟଙ୍କୁ ଅନୁରୋଧ କରିଥିବା କହିଛନ୍ତି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ମାଡ଼ ଘଟଣାରେ ଜଣେ ଗିରଫ

**ରାୟଗଡ଼ା,୨୩।୨(ଆଶିଷ ରଞ୍ଜନ ପଣ୍ଡା)**

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସକଟା ଉପସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀଙ୍କୁ ଗୁରୁବାର ମାଡ଼ ମାରିବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜିତୁ ଜାକେସିକାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଏ ନେଇ ଶୁକ୍ରବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସପି ହରିଶା ବି.ସି. ।

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସକଟା ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନରେ ଯିବା ନେଇ କାର୍ଯ୍ୟକ୍ରମ ରହିଥିଲା । ଏହି କାର୍ଯ୍ୟକ୍ରମ ନିମନ୍ତେ ଉକ୍ତ କେନ୍ଦ୍ର ସିଏଚଓ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ସେଠାରେ ଉପସ୍ଥିତ ଥିଲେ । ତେବେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରି ବିଏସ୍‌ପି ନେତା ଜିତୁ ଜାକେସିକା ସେଠାରେ ପହଞ୍ଚି ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଖବରପାଇ ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସବ୍ୟସାଚୀ ମହାପାତ୍ର ସକଟା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଜିତୁଙ୍କ ସହ ଆଲୋଚନା କରିଥିଲେ । ତେବେ ଉଭୟଙ୍କ ମଧ୍ୟରେ ବଚସା ହୋଇ ମାଡ଼ ମରା ପର୍ଯ୍ୟନ୍ତ ଯାଇଥିଲା । ଖବରପାଇ ମୁନିଗୁଡ଼ା ଏସଡିପିଓ ସନ୍ତୋଷୀ ଓରାମ ଓ ପୋଲିସ ଟିମ୍ ସେଠାରେ ପହଞ୍ଚି ସ୍ୱାସ୍ଥ୍ୟ ଅଧିକାରୀ ଓ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟ ଅଧିକାରୀ ସବ୍ୟସାଚୀ ମହାପାତ୍ର ଶୁକ୍ରବାର ମୁନିଗୁଡ଼ା ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ମୁନିଗୁଡ଼ା ପୋଲିସ ୩୯/୨୪ରେ ମାମଲା ରୁଜୁ କରିବା ସହ ଜିତୁ ଜାକେସିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ଅନ୍ୟପକ୍ଷରୁ ମଧ୍ୟ ଏତଲା ଦିଆଯାଇଛି । ଯଦି ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ଡାକ୍ତରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ବିଏସପି ପକ୍ଷରୁ ଥାନା ଘେରାଉ କରାଯିବ ବୋଲି ଜିତୁଙ୍କ ସମର୍ଥକମାନେ କହିଛନ୍ତି ।



ପୋଲିସ ଉପସ୍ଥିତିରେ ମେଡିକାଲ ଅଧିକାରୀ ଓ ଜିତୁ ଜାକେସିକାଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

# ଟଙ୍କା ଚୋରି ମାମଲା, ଯୁବତୀ ଗିରଫ

**ରାୟଗଡ଼ା,୨୩।୨(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର ଜଣଙ୍କ ଘରୁ ଟଙ୍କା ଚୋରି ମାମଲାର ତଦନ୍ତ କରି ପୋଲିସ ଶୁକ୍ରବାର ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରୟତ କଲୋନୀ ସପ୍ତମ ଗଳି ବାସିନ୍ଦା ଧନମଣି ନାଏକ ଗତ ୧୯ରେ ଏକ ବାହାଘର ଭୋଜିକୁ ଯାଇଥିଲେ । ଏହି ସମୟରେ ଯୁବତୀ ଜଣକ ପୂର୍ବରୁ ରଖିଥିବା ଡୁପ୍ଲିକେଟ ଚାବିରେ ତାଲା ଖୋଲି ଘରେ ପଶି ନଗଦ ୬୦ହଜାର ଟଙ୍କା ଚୋରି କରିନେଇଥିଲେ। ତେବେ ଧନମଣି ଘରକୁ ଫେରିବା ପରେ ଉକ୍ତ ଟଙ୍କା ପାଇ ନ ପାଇବାରୁ ରାୟଗଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ଟାଉନ ଥାନା ଏସ୍‌ଆଇ ସନ୍ଧ୍ୟା ତିର୍କି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ତଦନ୍ତରୁ ଅଭିଯୋଗକାରୀଙ୍କ ପଡ଼ିଶା ଘରେ ରହୁଥିବା ଯୁବତୀ ଜଣକ ଚୋରି କରିଥିବା ଜଣାପଡ଼ିଥିଲା । ଯୁବତୀ ଜଣକ ନିଜ ଦୋଷ ସ୍ୱୀକାର କରିଥିବା ବେଳେ ତାଙ୍କ ନିକଟରୁ ୬୦ହଜାର ଟଙ୍କା ଜବତ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

# ଅବସରପ୍ରାପ୍ତ ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଅଧ୍ୟାପକ ତ୍ରିନାଥ ପ୍ରସାଦ ରଥଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବିଷମ କଟକ,୨୩।୨ (ବିଭୂତି ଭୂଷଣ ନାୟକ)**

କୋରାପୁଟ ଜିଲା ଜୟପୁରସ୍ଥିତ ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଦାୟିତ୍ୱରେ ରହି ଅବସର ନେଇଥିବା ତ୍ରିନାଥ ପ୍ରସାଦ ରଥଙ୍କୁ ବିଷମ କଟକସ୍ଥିତ ମା' ମାର୍କମା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ଜାନୁଆରୀ ୩୧ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଯୁକ୍ତ ୩ ମା' ମାର୍କମା ମହାବିଦ୍ୟାଳୟରେ ଅବସରପ୍ରାପ୍ତ ଅଧ୍ୟାପକ ରଥଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା କମିଟିର ଅଧ୍ୟକ୍ଷ ସୁଦର୍ଶନ ରଥ ଅବସରପ୍ରାପ୍ତ ଅଧ୍ୟାପକ ତ୍ରିନାଥ ପ୍ରସାଦ ରଥଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ଅଧ୍ୟକ୍ଷ ସୁଦର୍ଶନ ରଥ ମହାବିଦ୍ୟାଳୟ ପାଇଁ ତ୍ରିନାଥ ଅବଦାନ ଅତୁଳନୀୟ ବୋଲି କହିଥିଲେ। ବିଷମ କଟକ ବ୍ଲକରେ ପ୍ରଥମେ ମା ମାର୍କମା ଉଚ୍ଚ ବିଦ୍ୟାଳୟ ୧୯୮୭ରେ ପ୍ରତିଷ୍ଠା ହୋଇଥିଲା। ତ୍ରିନାଥ ପ୍ରସାଦ ପ୍ରଥମ ଇଂଲିଶ ଅଧ୍ୟାପକ ଭାବରେ ନିଯୁକ୍ତି ପାଇଥିଲେ। ପରବର୍ତ୍ତୀ ସମୟରେ ସେ ୧୯୯୦ରେ ସେ ଜୟପୁରସ୍ଥିତ ବିକ୍ରମ ଦେବ ମହାବିଦ୍ୟାକୁ ବଦଳି ହୋଇଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ କ୍ୟାପଟେନ ବି ରବି ଶଙ୍କର, ଦୀପ୍ତି ରାଣୀ ପଣ୍ଡା ଓ ବିଦ୍ୟାଳୟର ସମସ୍ତ ଅଧ୍ୟାପକମାନେ ଉପସ୍ଥିତ ଥିଲେ । ଅଧ୍ୟାପକ ସଞ୍ଜୟ କୁମାର ତ୍ରିପାଠୀ ମଞ୍ଚ ପରିଚଳନ କରିଥିଲେ।

# ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଉପରେ ଆଇନ ସଚେତନତା

**ବିଷମ କଟକ,୨୩।୨ (ବିଭୂତି ଭୂଷଣ ନାୟକ)**

ବିଷମ କଟକ ତାଲୁକ ଆଇନ ସେବା କମିଟି ତରଫରୁ ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନିୟମଗିରି ପାହାଡ଼ରେ ଥିବା କୁର୍ଲି ଗ୍ରାମପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ସ୍ଥାନୀୟ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ତଥା ସହକାରୀ ଦୌରାଜଜ୍ ପବିତ୍ରାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଷମକଟକ ବାର୍ ଆସୋସିଏଶନର ବରିଷ୍ଠ ଅଧିବକ୍ତା ବଡ଼ କୁମାର ଗୌଡ଼ ଓ ଆଇନଜୀବୀ ରାମଚନ୍ଦ୍ର ମିଣିଆକା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀନାରାୟଣ ସାହୁ, ସରପଞ୍ଚ ସୁବର୍ଦନୀ ୱାଡ଼ାକା କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରମିକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରବାସୀ ଶ୍ରମିକଙ୍କ ଅଧିକାର ଓ କର୍ତ୍ତବ୍ୟ, ମୁଖ୍ୟତଃ ପଞ୍ଜୀକରଣ କରିବା ଶୋଷଣରୁ କିପରି ରକ୍ଷା ପାଇବେ ଏବଂ କୌଣସି ଆକସ୍ମିକ ଦୁର୍ଘଟଣା ବେଳେ କିପରି କ୍ଷତିପୂରଣ ପାଇପାରିବେ ଏବଂ ନିଜ ପରିବାରକୁ ମୌଳିକ ଅଧିକାର ଦେଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସଂଯୁକ୍ତ କିଷାନ ମୋର୍ଚ୍ଚାର ପ୍ରତିବାଦ ସଭା

**ଗୁଣପୁର, ୨୩।୨(ପ୍ରଦୀପ କୁମାର ପାଢ଼ୀ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ ଶୁକ୍ରବାର ଦେଶବ୍ୟାପୀ କଳା ଦିବସ ପାଳନ କରାଯାଇଛି। ଏହି ଅବସରରେ ରାୟଗଡା ଜିଲା ଗୁଣପୁରରେ ସଂଯୁକ୍ତ କିଷାନ ମୋର୍ଚ୍ଚାର କର୍ମକର୍ତ୍ତାମାନେ ନୂତନ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରାରେ ବାହାରି ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ପଞ୍ଜାବ ସୀମାରେ କେନ୍ଦ୍ର ଏବଂ ହରିୟାଣାର ଭାଜପା ସରକାର ଦ୍ୱାରା ଯୁବ କୃଷକ ଶୁଭ କରନ ସିଂହଙ୍କୁ ବର୍ବର ହତ୍ୟା ବିରୋଧରେ ମୋଦି ସରକାର, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ହରିୟାଣା ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟାର ଏବଂ ରାଜ୍ୟ ଗୃହମନ୍ତ୍ରୀ ଅନୀଲ ବ୍ରିଜ୍‌ଙ୍କ ଇସ୍ତଫା ଦେବା, ଆଇପିସି ଧାରା ୩୦୨ ଅନୁଯାୟୀ ଏତଲା ରୁଜୁ କରିବା, କୃଷକ ନିର୍ଯାତନା ଏବଂ ବହୁ ସଂଖ୍ୟାରେ ଟ୍ରାକ୍ଟର କ୍ଷତିର ନ୍ୟାୟିକ ତଦନ୍ତ କରିବା, ଘଟଣାର ଅନୁସନ୍ଧାନକରି ଦୋଷୀଙ୍କୁ ଶାସ୍ତିଦେବା, ପ୍ରତିବାଦ କରିବାର ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷା କରିବା, ସଂଯୁକ୍ତ କିଷାନ ମୋର୍ଚ୍ଚାକୁ ଦେଇଥିବା ଲିଖିତ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିବା, କୃଷିର କର୍ପୋରେଟକରଣ ବନ୍ଦ କରିବା ଦାବି ନେଇ କଳା ଦିବସ ପାଳନ କରାଯାଇଛି। ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗ, ଏଆଇକେଏମ୍‌ର ରାଜ୍ୟ ସଭାପତି ଅନାସିମ ଶବରଙ୍କ ସମେତ ରାଜେନ୍ଦ୍ର ମାଝି, ମୀନ ଶବର, ଗାଗାନା ଶବର, ସଞ୍ଜୀବ ଶବର, ମୋଜେସ ବିଡିକା , ଲବ ବିଡିକା, ସଂଗ୍ରାମ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ ।




ପୁରୁଣା ବସ୍‌ଷ୍ଟାଣ୍ଡଠାରେ ପ୍ରତିବାଦ ସଭା ଚାଲିଛି।

# ଡଙ୍ଗାସିଲାରେ କଂଗ୍ରେସ କର୍ମୀ ସମ୍ମିଳନୀ

**ଟିକିରି,୨୩।୨ (ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ବ୍ଲକ ଅନ୍ତର୍ଗତ ଡଙ୍ଗାସିଲା ପଞ୍ଚାୟତ ସଦରଠାରେ ଜିଲା କଂଗ୍ରେସ ତରଫରୁ ସାଧାରଣ ସଭା ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକା ଯୋଗଦେଇ ଆସନ୍ତା ନିର୍ବାଚନ ଲାଗି ଜିଲା କଂଗ୍ରେସର ପ୍ରମୁଖ କାର୍ଯ୍ୟସୂଚୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏମ୍‌ପି ତାଙ୍କ ବକ୍ତବ୍ୟରେ, ରାଜ୍ୟ ସରକାରଙ୍କ ୨୪ବର୍ଷ ଶାସନ ଏବଂ କେନ୍ଦ୍ରର ୧୦ ବର୍ଷ ଶାସନ କାଳରେ ରାଜ୍ୟ ଏବଂ ସମଗ୍ର ଦେଶରେ କିଭଳି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷିଭିତ୍ତିକ ଓ ଶିକ୍ଷିତ ଯୁବକଙ୍କ ନିଯୁକ୍ତି କ୍ଷେତ୍ରରେ ଅବହେଳା କରାଯାଇଛି ସେ ସମ୍ପର୍କରେ କହିଥିଲେ । ସେ ସଂସଦରେ କୋରାପୁଟ ଲୋକସଭା କ୍ଷେତ୍ରରେ ହେବାକୁ ଥିବା ସମସ୍ତ ପ୍ରସ୍ତାବକୁ ଯେଉଁ ଭଳି ଉପସ୍ଥାପନା କରିଆସୁଛନ୍ତି ତାହା ବିଷୟରେ ସେ କହିଥିଲେ। ରାୟଗଡା କଂଗ୍ରେସ ବିଧାୟକ ଆଶାୟୀ ପ୍ରାର୍ଥୀ ଆପୋଲୋ ସ୍ୱାମୀ କାଡ୍ରାକା ଜନତା ଓ ପିସିସିକୁ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକର ୩ଟି ପଞ୍ଚାୟତର ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ଲୋକ କଂଗ୍ରେସରେ ବିଧିବଦ୍ଧ ଭାବେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ କଂଗ୍ରେସ ଯୁବ ସଭାପତି ଜିଝରୁ ମାଝି ପରିଚାଳନା କରିଥିଲେ। ଜିଲା କଂଗ୍ରେସ ଯୁବ ସଭାପତି ଜୋସେଫ ଖସଲା, ବ୍ଲକ ସଭାପତି ଅଙ୍ଗଦ ନାଏକ, ପି. ଦେବେନ୍ଦ୍ର ରାଓ, ଅନିଲ ଜୈନ, କବିସୂର୍ଯ୍ୟ ନାଏକ, ଦୁମେଶ୍ୱର ନାଏକ, ଭୁବନେଶ୍ୱର ମହାନ୍ତି, କୁନାପାଢ଼ୀ ନାଏକ, ଜୟନ୍ତୁ ବୈଠାରୁ, ରାଜେନ୍ଦ୍ର ଦୁରିଆ, ଅମ୍ବିକା ମାଝୀ, ଗୌରୀ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



କର୍ମୀଙ୍କ ଗହଣରେ ଏମ୍‌ପି ସପ୍ତଗିରି ଉଲାକା।

# ପୋଲିସ ସହାୟତାରେ ସ୍କୁଲକୁ ଫେରିଲେ ଛାତ୍ରୀ

**ଚନ୍ଦ୍ରପୁର, ୨୩।୨ (ବିଜୟ ପ୍ରସାଦ ଉଲାକା)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର କୁଟାମା ପ୍ରାଥମିକ ବିଦ୍ୟାଳୟରେ ସରକାରଙ୍କ ଅନୁସୂଚିତ ଜନଜାତି ଜାତି ବିଭାଗର ଛାତ୍ରୀ ନିବାସରୁ ନିଖୋଜ ଥିବା ୮ ଛାତ୍ରୀ ଶୁକ୍ରବାର ଆସି ବିଦ୍ୟାଳୟରେ ପହଞ୍ଚିଛନ୍ତି। ଛାତ୍ରୀ ନିବାସରେ ସେମାନଙ୍କୁ ଠିକ୍ ଭାବେ ଖାଇବା ଦିଆଯାଉ ନ ଥିବା ଅଭିଯୋଗକରି ଗତ ମଙ୍ଗଳବାର ୮ ଜଣ ଛାତ୍ରୀ ଲୁଚିକରି କେଉଁଆଡେ ପଳାଇଥିଲେ। ଫଳରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପୁରା ମାଳ ବିଷୋୟୀ ବହୁ ଖୋଜାଖୋଜି କରିବା ପରେ ଛାତ୍ରୀଙ୍କ ପତ୍ତା ନ ମିଳିବାରୁ ବାଧହୋଇ ପୋଲିସ ଏବଂ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ସେମାନେ ଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ମୁନିଗୁଡା ଏସ୍‌ଡିପିଓ, ବ୍ଲକ ଅଧ୍ୟକ୍ଷ କୈନ କିମାକା, ଡବ୍ଲୁଇଓ କୃଷ୍ଣଚନ୍ଦ୍ର ବେହେରା, ଶିକ୍ଷା ବିଭାଗର ଏବିଇଓ ଉମାକାନ୍ତ ମିଶାଲ ବହୁ ଖୋଜାଖୋଜି ପରେ ସମସ୍ତ ଛାତ୍ରୀଙ୍କୁ ଏକ ଗ୍ରାମରୁ ଉଦ୍ଧାରକରି ଆଣି ସ୍କୁଲରେ ଛାଡିଥିଲେ। ବର୍ତ୍ତମାନ ଛାତ୍ରୀମାନେ ଶାନ୍ତିଶୃଙ୍ଖଳାର ସହ ଛାତ୍ରୀନିବାସରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ତ୍ରିପୁରା ମାଳ ବିଷୋୟୀ କହିଛନ୍ତି। ତେବେ ଛାତ୍ରୀନିବାସରେ ପିଲାଙ୍କୁ ଠିକ୍ ଭାବେ ଖାଇବାକୁ ଦିଆଯାଉଛି, କିନ୍ତୁ କ'ଣ ପାଇଁ ସେମାନେ ଛାତ୍ରୀନିବାସ ଛାଡି ଯାଇଥିଲେ ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଉକ୍ତ ଛାତ୍ରୀନିବାସରେ ୪୦ଜଣ ଛାତ୍ରୀ ରହି ପାଠପଢୁଛନ୍ତି।



ସ୍କୁଲକୁ ଫେରିଥିବା ନିଖୋଜ ଛାତ୍ରୀ।

### ଛାତ୍ରୀନିବାସରୁ ୮ ଛାତ୍ରୀ ନିଖୋଜ ଘଟଣା

## ସଂକ୍ଷେପରେ

### ଗାଧୁଆଘରେ ଯୁବକଙ୍କ ଆତ୍ମହତ୍ୟା

ସୁନାବେଡା,ସେମିଳିଗୁଡା,୨୩।୨ (କୃତ୍ତିବାସ ପ୍ରଧାନ/ ବାସୁଦେବ ବରାଡ଼)

ଗାଧୁଆ ଘର ହୁକରେ ଝୁଲି ପଡି ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସେମିଳିଗୁଡା ଗାନ୍ଧୀ ନଗରର ରାମକୃଷ୍ଣ ବେହେରାଙ୍କ ପୁଅ ବାଲାଜୀ ବେହେରା (୫୨)। ବାଲାଜୀ ସବୁଦିନ ଭଳି ଗାଧୋଇବାକୁ ସକାଳ ସାଢେ ୮ଟାରେ ଗାଧୁଆ ଘରକୁ ଯାଇଥିଲେ। ଏକ ଘଣ୍ଟା ଧରି ସେ ବାହାରକୁ ନ ଆସିବାରୁ ପରିବାର ଲୋକେ କବାଟ ବାଡେଇ ଡାକିଥିଲେ। ଭିତରୁ କୌଣସି ଉତ୍ତର ନ ମିଳିବାରୁ କବାଟ ଭାଙ୍ଗି ଭିତରେ ପଶିବାରୁ ବାଲାଜୀ ଗାଧୁଆ ଘର ହୁକରେ ବେକରେ ରିବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ସୁନାବେଡା ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ କେଉଁ କାରଣରୁ ବାଲାଜୀ ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇନାହିଁ। ବାଲାଜୀ ଜଣେ ଅଟୋ ଚାଳକ ଥିଲେ। ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ସ୍ତ୍ରୀ ଓ ଦୁଇ ସନ୍ତାନ ଅଛନ୍ତି। କେସ ନଂ. ୪/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍ଆଇ ବାଳକୃଷ୍ଣ ରଥ କହିଛନ୍ତି।

### ସିପିଆଇ ପାଳିଲା କଳା ଦିବସ

### କେନ୍ଦ୍ର ସରକାରଙ୍କ କୃଷକ ଦମନନୀତିକୁ ବିରୋଧ

ଜୟପୁର, ୨୩।୨(ପବନ ପାଣିଗ୍ରାହୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)କୋରାପୁଟ ଜିଲା ପରିଷଦ ପକ୍ଷରୁ ଶୁକ୍ରବାର ଶହୀଦ ଯୁବ କୃଷକ ସ୍ମୃତିରେ କଳା ଦିବସ ପାଳନ କରାଯାଇଛି। ସିପିଆଇ କର୍ମୀମାନେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତିଙ୍କ ନେତୃତ୍ୱରେ ଜୟପୁରର ମୁଖ୍ୟ ଟ୍ରାଫିକ ଛକଠାରେ କେନ୍ଦ୍ର ସରକାରଙ୍କ କୃଷକ ଶ୍ରମିକ ଦମନ ନୀତି ବିରୋଧରେ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପ୍ରକାଶ ଯେ, ମିଳିତ କୃଷକ ମୋର୍ଚ୍ଚା ପକ୍ଷରୁ ଏମଏସ୍‌ପି ଗ୍ୟାରେଣ୍ଟି ଦାବି କରି ଆନ୍ଦୋଳନ ଚଳାଇଛନ୍ତି। ପଞ୍ଜାବ ଓ ହରିୟାଣାର ଚାଷୀମାନେ ଟ୍ରାକ୍ଟର ରାଲିରେ ଆସି ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରିବା କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ପାଇଁ ଦିଲ୍ଲୀ ଓ ହରିୟଣା ପୋଲିସ ପକ୍ଷରୁ ଦମନମୂଳକ ନୀତି ଅବଲମ୍ବନ କରାଯାଉଛି। ଖାନୌର ସୀମାରେ ଶୁଭ କରନ ସିଂ ନାମକ ଜଣେ ୨୨ ବର୍ଷୀୟ ଯୁବ ଚାଷୀ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ବିକ୍ଷୋଭ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ନିତ୍ୟାନନ୍ଦ ପାତ୍ର, ନନ୍ଦ କୁମାର, ଧ୍ରୁବ ଚରଣ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

### ଗଞ୍ଜେଇ ଚୋରା ଚାଲାଣ ମାମଲାରେ ୩ ଗିରଫ

ମାଲକାନଗିରି, ୨୩।୨ (ଦୁର୍ଯ୍ୟୋଧନ ପାତ୍ର)

ଗଞ୍ଜେଇ ଚୋରା ଚାଲାଣ ମାମଲାରେ ମାଲକକାନଗିରି ପୋଲିସ ୨ଜଣଙ୍କୁ ଏବଂ ଗଞ୍ଜେଇ ଚାଲାଣରେ ସାମିଲ ଥିବା ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ ଜବତ ହୋଇଛି। ମାଲକାନଗିରି ସଦର ବିଏଲକେ ଅନ୍ତର୍ଗତ ଏମଭି-୨ ଗ୍ରାମର ମିଥୁନ ବିଶ୍ୱାସ ଗତ ୨୦୨୨ରେ ଗଞ୍ଜେଇ ଚାଲାଣ ମାମଲାରେ ଗିରଫ ହୋଇଥିଲେ। ସେ ଜାମିନରେ ଆସି ଫେରାର ହୋଇଯାଇଥିଲେ। ତାଙ୍କ ନାମରେ କୋର୍ଟ ପକ୍ଷରୁ ୱାରେଣ୍ଟ ଜାରି କରାଯାଇଥିଲା। ଥାନା ଅଧିକାରୀ ଗିଗାନ କିଣ୍ଡୋଙ୍କ ନିର୍ଦ୍ଦେଶରେ ଏସ୍ଆଇ ଅଜିତ ଦଲେଇଙ୍କ ନେତୃତ୍ୱରେ ଶିଖପାଲିରୁ ମିଥୁନଙ୍କୁ ଗିରଫ କରାଯାଇଥିଲା। ତେବେ ପୋଲିସ ମିଥୁନଙ୍କୁ ଧରି ଆସୁଥିବା ବେଳେ ରାସ୍ତାରେ ଦୁଇଜଣ ବ୍ୟକ୍ତି ସନ୍ଦେହଜନକ ଭାବେ ବ୍ୟାଗ ଧରି ଛିଡା ହୋଇଥିଲେ। ପୋଲିସକୁ ଦେଖି ସେମାନେ ଦୌଡି ପଳାଇବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ସେମାନଙ୍କ ବ୍ୟାଗ ଯାଞ୍ଚ କରିବାରୁ ସେଥିରେ ଗଞ୍ଜେଇ ଥିବା ଦେଖି ସେମାନଙ୍କୁ ଗିରଫ କରାଯାଇଥିଲା। ଉଭୟେ ହେଲେ ଏମଭି-୨୬ ଗ୍ରାମର ଅଭିମଣ୍ଡଳ ଓ ଅଧିର ମଣ୍ଡଳ।

### ଜିଲାଭିତ୍ତିକ ନିଯୁକ୍ତି ଦାବି

କୋରାପୁଟ, ୨୩।୨ (ଅମିତାଭ ବେହେରା)

କୋରାପୁଟ ଜିଲାରେ ଜିଲାଭିତ୍ତିକ ନିଯୁକ୍ତି, ଗ୍ରୁପ ସି ଏବଂ ଗ୍ରୁପ ଡି ପଦବୀରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା, ଅବିଭକ୍ତ କୋରାପୁଟ ଜିଲାରେ ପ୍ରତିଯୋଗିତାମୂଳକ ପରୀକ୍ଷା କେନ୍ଦ୍ର କରିବା ଦାବିରେ ଜିଲାର ଶତାଧିକ ଯୁବତୀଯୁବକ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ନିଶାଣୀମୁଣ୍ଡାଠାରେ ପୂଜାର୍ଚ୍ଚନା ପରେ ସେଠାରୁ ଉପେନ୍ଦ୍ର ନାୟକ, ମନସ୍ୱିନୀ ଟାକ୍ରି, କାମାକ୍ଷୀ ପ୍ରସାଦ ମାଝିଙ୍କ ନେତୃତ୍ୱରେ ଶତାଧିକ ଯୁବତୀଯୁବକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଘେରାଉ କରିଥିଲେ।

# ବିଦ୍ୟୁତ, ପାନୀୟ ଜଳ ସମସ୍ୟା ନେଇ ଅଧିକାରୀଙ୍କ ଉପରେ ବର୍ଷିଲେ ଜନପ୍ରତିନିଧି

## ଜିଲା ପରିଷଦ ବୈଠକ

କୋରାପୁଟ, ୨୩।୭ (ଅମିତାଭ ବେହେରା)



ବୈଠକରେ ବିଧାୟକ, ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଜିଲା ପରିଷଦ ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଜିଲାରେ ବିଦ୍ୟୁତ୍, ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା ସମସ୍ୟା ଉପରେ ଆଲୋଚନା ବେଳେ ଜିଲା ପରିଷଦ ଅଧକ୍ଷ, ବିଧାୟକ ଓ ଜିଲା ପରିଷଦ ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରି ବିଭାଗୀୟ ଅଧିକାରୀମାନଙ୍କ ଉପରେ ବର୍ଷିଛନ୍ତି। ଜିଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧକ୍ଷତାରେ ବସିଥିବା ବୈଠକରେ ଜିଲାପାଳ ଭି.କିର୍ତ୍ତିଭାସନ, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟଙ୍କ ସହ ସମସ୍ତ ଜିଲା ପରଷଦ ସଭ୍ୟା ସଭ୍ୟ, ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲାରେ ବିଦ୍ୟୁତ୍‌କରଣ ବ୍ୟବସ୍ଥା ଏକ ପ୍ରକାର ମନ୍ଥର ଚାଲିଥିବାବେଳେ ପାନୀୟ ଜଳ ସମସ୍ୟା ମଧ ଉତ୍କଟ ହୋଇଛି। ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ସୁଫଳ ମଧ ଲୋକେ ଠିକ ଭାବେ ପାଇପାରୁ ନ ଥିବା ନିର୍ବାଚିତ ଲୋକ ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ଜିଲାର ବୋରିଗୁମ୍ମା ବ୍ଲକର ମାଝିଗୁଡା ଗ୍ରାମରେ ବିଦ୍ୟୁତ୍‌ତକରଣ ପାଇଁ ସେ ବହୁବାର ବିଦ୍ୟୁତ ବିଭାଗକୁ ଜଣାଇବା ସତ୍ତ୍ୱେ ଏଯାଏ ଗ୍ରାମକୁ ବିଦ୍ୟୁତ ଯୋଗାଣ ହୋଇ ନ ଥିବାରୁ ବିଧାୟକ ବାହିନୀପତି ଅଧିକାରୀଙ୍କ ଉପରେ ବର୍ଷିଥିଲେ । ସେହିପରି ଉପସ୍ଥିତ ପଟ୍ଟାଙ୍ଗି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କୋଟିଆ ପଞ୍ଚାୟତର ଗୁମେଲପଦର,ତଳକାଣ୍ଟି, ଚାରିକଦା ଶୁଳିଆ ପଦର ଆଦି ବିଭିନ୍ନ ଦୁର୍ଗମ ଗ୍ରାମରେ ଏପର୍ଯ୍ୟନ୍ତ ବିଦ୍ୟୁତ୍ ସେବା ପହଞ୍ଚି ନ ଥିବା ଅଭିଯୋଗ କରିଥିଲେ। ଅଭିଯୋଗ ଶୁଣିବା ପରେ ଜିଲାପାଳ ବିଦୁ୍ୟତ ବିଭାଗ ଅଧିକାରୀଙ୍କୁ ତୁରନ୍ତ ସମ୍ପୃକ୍ତ ଗ୍ରାମଗୁଡିକୁ ବିଦ୍ୟୁତ୍ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। । ସେହିପରି ଜିଲାରେ ଥିବା ବିଭିନ୍ନ ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଧିମା ଚାଲିଥିବା ବିଧାୟକ ବାହିନୀପତି ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ଲକ୍ଷ୍ମୀପୁର ଓ ଦଶମନ୍ତପୁର ଅଞ୍ଚଳରେ ପାନୀୟ ଜଳ ସଙ୍କଟ ବହୁ ଗ୍ରାମରେ ରହିଥିବା ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି ଜିଲାପାଳ ଓ ବିଭାଗୀୟ ଅଧିକାରୀ, ଯନ୍ତ୍ରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ନାରାୟଣପାଟଣା, ବନ୍ଧୁଗାଁ ଆଦି ବ୍ଲକର ବହୁ ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ଥିବା ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା ଅଭିଯୋଗ କରିଥିଲେ । ସେହିପରି ଜିଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଅଭାବ ଯୋଗୁ ରୋଗୀମାନେ ସ୍ୱାସ୍ଥ୍ୟସେବା ସୁବିଧା ପାଇ ପାରୁ ନ ଥିବା ବିଧାୟକ ଓ ଜିଲା ପରିଷଦ ସଦସ୍ୟମାନେ ଅଭିଯୋଗ କରିଥିଲେ । ସେହିପରି ବୈଠକରେ ଗମନାଗମନ ସମସ୍ୟା ଉପରେ ଆଲୋଚନା ଚାଲିଥିବାବେଳେ ପଟ୍ଟାଙ୍ଗି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ ଜାତୀୟ ରାଜପଥଠାରୁ ଗିର୍ଲିଗୁଡା ରାସ୍ତା, ପଟ୍ଟାଙ୍ଗି ଉପରସାହିରୁ ଶିବ ମନ୍ଦିର ହୋଇ ଜାତୀୟ ରାଜପଥକୁ ସଂଯୋଗ କରିଥିବା ରାସ୍ତା, ଗଲିଗବଦରଠାରୁ କୋଟିଆ ପଞ୍ଚାୟତକୁ ସଂଯୋଗ ରାସ୍ତା ନିର୍ମାଣର ଏକ ବର୍ଷ ନ ପୁରୁଣୁ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି । ଜାତୀୟ ରାଜପଥଠାରୁ ପଡାଲଗୁଡା, ଓ ନୁଆଗାଁ ଗ୍ରାମକୁ ସଂଯୋଗ ରାସ୍ତା ଅତି ଶୋଚନୀୟ ହୋଇପଡିଥିବା ସେ ବୈଠକରେ ଅଭିଯୋଗ କରି ଏହାର ମରାମତି କରିବାକୁ ଦାବି କରିଥିଲେ ।

# ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମୁଦୁଲିପଡା ବିଡିଏକୁ ଆମ୍ବୁଲାନ୍ସ

ମାଲକାନଗିରି, ୨୩।୨ ( ଦୁର୍ଯ୍ୟୋଧନ ପାତ୍ର)

ଷ୍ଟେଟ ବୟାଙ୍କ ଅଫ ଇଣ୍ଡିଆ, ଜୟପୁର ଆଞ୍ଚଳିକ ଶାଖା ଆନୁକୂଲ୍ୟରେ ଏବଂ ମାଲକାନଗିରି ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ସହଯୋଗରେ ଶୁକ୍ରବାର ଖଇରପୁଟ ବ୍ଲକ ମୁଦୁଲିପଡାଠାରେ ଫାଇନାନ୍ସିଆଲ ଲିଟେରେସି ମିଟ୍ ଅନୁଷ୍ଠିତ ହୋଇଛି। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କର୍ପୋରେଟ ସାମାଜିକ ଦାୟିତ୍ୱରେ ବିଭିନ୍ନ ଜନହିତକର କାର୍ଯ୍ୟ କରାଯାଉଛି। ସେହି ପରିପ୍ରେକ୍ଷୀରେ ଖଇରପୁଟ ବଣ୍ଡାଘାଟିର ଆଦିମ ଜନଜାତି ବଣ୍ଡା ଜନଜାତିଙ୍କ ସ୍ୱାସ୍ଥ୍ୟ ସେବାରେ ସହାୟତା ଯୋଗାଇ ଦେବାକୁ ଏକ ଆମ୍ବୁଲାନ୍ସ ବଣ୍ଡା ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କୁ ହସ୍ତାନ୍ତର କରାଯାଇଛି। ଷ୍ଟେଟବ୍ୟାଙ୍କ ସିଜିଏମ୍ ଦୀନେଶ ପୃଥୀ ମୁଖ୍ୟ ଅତିଥି, ଜିଏମ୍. ଉତ୍ତମ କୁମାର ହାଜରା ଚୌଧୁରୀ, ବ୍ରହ୍ମପୁର ଜୋନ ଡିଜିଏମ୍ ସନ୍ଦୀପ ଚୌଧୁରୀ, ଜୟପୁର ଆଞ୍ଚଳିକ ଶାଖା ଆର୍.ଏମ୍. କାବୁଲା ବେହେରା, ଏଲ୍‌ଡିଏମ୍ ନରସିଂହ ପ୍ରସାଦ ପାଢୀ, ମାଲକାନଗିରି ଷ୍ଟେଟବ୍ୟାଙ୍କ ସିଏମ. ଦେବଦତ୍ତ ସେଠୀ, ବିଡିଏ ପ୍ରକଳ୍ପ ମୁଖ୍ୟ ସଲମନ ରାଇକା ଉପସ୍ଥିତ ଥିଲେ। ଏହି ଅବସରରେ ପୃଥୀ କହିଥିଲେ, ଷ୍ଟେଟବ୍ୟାଙ୍କ ସାମାଜିକ ଦାୟିତ୍ୱ ଅଧୀନରେ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରୁଛି। ମୁଦୁଲିପଡା ବିଡିଏକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ନିଶ୍ଚିତ ଆଦିବାସୀ ଜନଜାତିଙ୍କୁ ସେବା ଯୋଗାଇବାରେ ସହାୟକ ହେବ। ଏହି ଅବସରରେ ମୁଦୁଲିପଡାରେ ଥିବା ଡାକ୍ତର ଚନ୍ଦ୍ରେଶ୍ୱର ପାଣିଗ୍ରାହୀଙ୍କୁ ଷ୍ଟେଟବ୍ୟାଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ମାଲକାନଗିରି ସଦର ସଂସ୍କୃତି ଭବନଠାରେ ଆୟୋଜିତ ଏସ୍ଏଚ୍‌ଜି ମେଳାକୁ ପୃଥୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମେଳାରେ ୩୫୦ଏସ୍ଏଚଜିଙ୍କୁ ୧୬ କୋଟି ୫୦ ଲକ୍ଷ ଟଙ୍କା ଋଣ ପ୍ରଦାନ କରା ଯାଇଥିଲା। ସେହିପରି ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠିଙ୍କ ଦ୍ୱାରା ୧୫ଟି ଷ୍ଟଲ ଖୋଲା ଯାଇ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡିକ ପ୍ରଦର୍ଶନ କରାଯାଇଥିଲା। ଏଠାରେ ପୃଥୀ କହିଥିଲେ, ମା’ମାନଙ୍କ ଜୀବନ ଜୀବିକାକୁ ସୁଦୃଢ କରି ସେମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଲାଗି ଆମେ ଋଣ ପ୍ରଦାନ ବ୍ୟବସ୍ଥା କରିଛୁ। ଏହାଦ୍ୱାରା ସେମାନେ ଉପକୃତ ହେବା ସହ ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ହୋଇପାରିବ। କାର୍ଯ୍ୟକ୍ରମରେ ଏପିଡି ବାଳାଜୀ ପଟ୍ଟନାୟକ ଉପସ୍ଥିତ ଥିଲେ।



ଅତିଥିମାନେ ବିଡିଏ କର୍ତ୍ତୃପକ୍ଷଙ୍କୁ ଆମ୍ବୁଲାନ୍ସ ଚାବି ହସ୍ତାନ୍ତର କରୁଛନ୍ତି ।

# ୨ ବର୍ଷ ହେଲା ବନ୍ଦ ବାସିନିଗୁଡ଼ା କେନ୍ଦୁପତ୍ର ଫଡ଼ି

ବୈପାରିଗୁଡ଼ା, ୨୩।୨ (କଳ୍ପତରୁ ମହାନ୍ତି)

## କେନ୍ଦୁପତ୍ର ତୋଳାଳିଙ୍କ ଦୁର୍ଦ୍ଦଶା

କେନ୍ଦୁପତ୍ର ରାଜ୍ୟ ରାଜକୋଷକୁ ବିପୁଳ ରାଜସ୍ୱ ଦେଉଥିବା ବେଳେ ଏହା ସ୍ଥାନୀୟ ଅଞ୍ଚଳର ବହୁ ଆଦିବାସୀ ପରିବାର ପାଇଁ ଏକ ପ୍ରମୁଖ ରୋଜଗାରର ମାଧ୍ୟମ ପାଲଟିଛି। ପ୍ରତିବର୍ଷ ବନ ବିଭାଗ ପକ୍ଷରୁ ତୋଳାଳିଙ୍କଠାରୁ କେନ୍ଦୁପତ୍ର କ୍ରୟ କରାଯାଇଥାଏ। କେନ୍ଦୁପତ୍ର ବିକି ସେମାନେ ରୋଜଗାର କରି ଚଳିଆନ୍ତି। ସରକାରଙ୍କ ପକ୍ଷରୁ ମଧ କେନ୍ଦୁପତ୍ର ତୋଳାଳିଙ୍କ ପରିବାରକୁ ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ । ତେବେ ଗତ ୨ ବର୍ଷ ହେଲା ବୈପାରିଗୁଡ଼ା କେନ୍ଦୁପତ୍ର ରେଞ୍ଜ ଅନ୍ତର୍ଗତ ବାସିନିଗୁଡ଼ା ଫଡ଼ିକୁ ବନ୍ଦ କରାଯାଇଛି। ଫଳରେ ଶହ ଶହ କେନ୍ଦୁପତ୍ର ତୋଳାଳି ରୋଜଗାର ହରାଇଛନ୍ତି।

ପ୍ରକାଶ ଯେ, କେନ୍ଦୁପତ୍ର ତୋଳାଳିମାନଙ୍କଠାରୁ ପତ୍ର ସଂଗ୍ରହକରିବା ପାଇଁ ବ୍ଲକରେ ୧୮ଟି ଫଡ଼ି ରହିଛି। ପ୍ରତ୍ୟେକ ଫଡ଼ିରେ ଜଣେ ଜଣେ ମୁନିସି କେବଳ ସାମୟିକ ଭାବେ କେନ୍ଦୁପତ୍ର ଅମଳ ଋତୁରେ ନିୟୋଜିତ ହୋଇଥାନ୍ତି। କେନ୍ଦୁପତ୍ର ତୋଳାଳିଙ୍କଠାରୁ ପତ୍ର ସଂଗ୍ରହ କରିବା ପରେ ପ୍ରତି ହିତାଧିକାରୀଙ୍କ ବ୍ୟାଙ୍କ ପାସ୍‌ବୁକ୍ ତଥ୍ୟ ତଥା ତୋଳାଳିଙ୍କ ପ୍ରାପ୍ୟ ସମ୍ପର୍କରେ କେନ୍ଦୁପତ୍ର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇବା ମୁନିସିଙ୍କ ଦାୟିତ୍ୱ। ପତ୍ର କମିଯିବା ଓ ଟାର୍ଗେଟ ପୂରଣ ନ ହେବା ବାସିନିଗୁଡ଼ା ଫଡ଼ି ବନ୍ଦର କାରଣ ବୋଲି କୁହାଯାଉଛି। ତେବେ ଏ ନେଇ ସେତେବେଳର ମୁନିସି ପର୍ଶୁରାମ ବିଶୋୟୀ ଜଣେ ବିଭାଗୀୟ ଅଧିକାରୀଙ୍କ ଉପରେ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି, କେନ୍ଦୁପତ୍ର ଗଛରେ କଅଁଳିବା ପୂର୍ବରୁ କେନ୍ଦୁପତ୍ର ବିଭାଗ ପକ୍ଷରୁ ବୁଶ୍ କଟିଂ ହୋଇଥାଏ । ଏହାଦ୍ୱାରା ଗଛରେ ଅଧିକ ପତ୍ର କଅଁଳିଥାଏ। ଏହି କାମରେ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇଥାଏ। ସେମାନଙ୍କ ପାସ୍‌ବୁକ୍‌କୁ ମଜୁରି ଟଙ୍କା ଯାଇଥାଏ। ମାତ୍ର ଏଠାରେ ବୁଶ୍ କଟିଂ ଠିକ୍ ଭାବେ ହେଉନାହିଁ । କେବଳ କାଗଜପତ୍ରରେ ବୁଶ୍ କଟିଂ ଦର୍ଶାଯାଇ ମଜୁରି ଟଙ୍କା ଆତ୍ମସାତ୍ କରାଯାଉଛି। ଜଣେ ବିଭାଗୀୟ ଅଧିକାରୀଙ୍କ ଚାପରେ ମୁନିସିମାନେ ଏପରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ପର୍ଶୁରାମ କହିଛନ୍ତି। ୨୦୨୧-୨୨ରେ ସେ ୭ ଜଣଙ୍କୁ ମଜୁରି ବାବଦ ୨୬ ହଜାର ଟଙ୍କା ପ୍ରଦାନ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେନ୍ଦୁପତ୍ର ବନପାଳ ବିଜୟ ନାୟକଙ୍କୁ ପଚାରିବାରୁ ସେ ସମ୍ପୃକ୍ତ ମୁନିସିଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। କେନ୍ଦୁପତ୍ର ତୋଳାଳିଙ୍କ ସମ୍ପର୍କରେ ସେ ଭୁଲ୍ ତଥ୍ୟ ଦେଉଥିଲେ ଏବଂ ନିଜ ସମ୍ପର୍କୀୟ ଲୋକଙ୍କ ନାମରେ ଥିବା ପାସ୍‌ବୁକ୍ ସହାୟତାରେ ଟଙ୍କା ହଡ଼ପ କରୁଥିବା ସେ ଅଭିଯୋଗ କରିଛନ୍ତି। ଏଥିରେ କେନ୍ଦୁପତ୍ର ତୋଳାଳିମାନେ ଅସନ୍ତୁଷ୍ଟ ହୋଇ ବାସିନିଗୁଡ଼ା ଫଡ଼ିକୁ ଆଉ ପତ୍ର ନ ଆଣିବାରୁ କ୍ଷତି କାରଣରୁ ଫଡ଼ିକୁ ବନ୍ଦ କରାଗଲା ବୋଲି ସେ କହିଛନ୍ତି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

# ବୋରିଗୁମ୍ମାରେ ମାଘ ମଣ୍ଡେଇ ଯାତ୍ରା

ବୋରିଗୁମ୍ମା, ୨୩।୨ (ବିଜୟ ସାହୁ )

ବୋରିଗୁମ୍ମା ରେ ଚଳିତ ବର୍ଷର ମାଘ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଛି। ଚଆରାଧ ଦେବତା ଭୈରବଙ୍କ ନିକଟରେ ଶୁକ୍ରବାର ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଶ୍ରଦ୍ଧାଳୁ ମାନେ ଆସି ଭୈରବଙ୍କ ସହ ପାତାଳେଶ୍ୱର ମହାଦେବଙ୍କୁ ଦର୍ଶନ କରିଥିଲେ। ଅପରାହ୍ନରେ ପୁରୁଣା ବୋରିଗୁମ୍ମାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ଏଥିରେ ସ୍ଥାନୀୟ ଲୋକଙ୍କ ସହ ତିନି ରାଜନୈତିକ ଦଳର ନେତାମାନେ ସାମିଲ ହୋଇଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ବିଜେଡିର ରବିନାରାୟଣ ନନ୍ଦ, ଭାଜପାର ସୁଧାଂଶୁ ଶେଖର ଜେନା ଓ ହିମାଂଶୁ ମହାପାତ୍ର ନିଜ ସମର୍ଥକଙ୍କ ସହ ଆସି ଭୈରବ ଦେବତା ନିକଟରେ ପୂଜାର୍ଚ୍ଚନା କରିଥିଲେ। ପ୍ରଚଳିତ ପ୍ରଥା ଅନୁସାରେ ପ୍ରତିବର୍ଷ ମାଘ ମାସର ଶେଷ ଶୁକ୍ରବାର ବୋରିଗୁମ୍ମା ବ୍ଲକ ବିସିଂହପୁର ଗ୍ରାମ ନିକଟସ୍ଥ ମାଁ ଶାଙ୍କୁଲାଇଙ୍କ ମନ୍ଦିରରେ ପ୍ରଥମେ ପାରମ୍ପରିକ ମଣ୍ଡେଇ ଯାତ୍ରାର ଶୁଭାରମ୍ଭ ହୋଇଥାଏ । ମନ୍ଦିର ପୂଜାରିଙ୍କ ଘରୁ ଏକ ଲାଠି ଆସିବା ପରେ ମନ୍ଦିରରେ ପୂଜା କରାଯାଏ । ଏହାର ଠିକ ଦୁଇ ଦିନପରେ ଏଠାରୁ ଭୋଗ, ଲାଠି ପ୍ରଭୃତି ପହଞ୍ଚିଲା ପରେ ବୋରିଗୁମ୍ମା ସ୍ଥିତ ମାଁ ଶାଙ୍କୁଲାଇଙ୍କ ଭାଇ ହିସାବରେ ପରିଚିତ ଭୈରବଙ୍କ ପୀଠରେ ମଣ୍ଡେଇ ଯାତ୍ରା ସମ୍ପନ୍ନ ହୁଏ ।

# ସମସ୍ତଙ୍କ ଅଜାଣତରେ ସାମାଜିକ ସମୀକ୍ଷା ବୈଠକ

କୁନ୍ଦୁରା, ୨୩।୨ (ସନ୍ତୋଷ ପ୍ରହରାଜ)

## ପ୍ରଶାସନର ଭୁଲ୍ ଥିବା ମାନିଲେ ଅଧିକାରୀ

କୋରାପୁଟ ଜିଲା କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଗୁରୁବାର ଏଜିଏନଆରଇଜିଏସ୍ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲା ସାମାଜିକ ସମୀକ୍ଷକ ଅନିଲ ମହାରଣା ଓ ବ୍ଲକ ସାମାଜିକ ସମୀକ୍ଷକଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିରେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡି ଓ ଏପିଇଓ ରଜନୀକାନ୍ତ ବେହେରା ଉପସ୍ଥିତ ଥିଲେ। କୁନ୍ଦୁରା ବ୍ଲକ ଅନ୍ତର୍ଗତ ସମସ୍ତ ସରକାରୀ ବିଭାଗ, ପଞ୍ଚାୟତିରାଜ ସମସ୍ତ ବିଭାଗୀୟ ଅଧିକାରୀ, ବ୍ଲକ ଅଧକ୍ଷ, ଉପାଧକ୍ଷ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ୧୬ଟି ପଞ୍ଚାୟତର ଜନସାଧାରଣ ଯୋଗ ଦେବା କଥା। ମାତ୍ର କାହାକୁ ନ ଜଣାଇ ଲୁଚ୍ଚାୟିତଭାବେ ଏହି ଜନ ଶୁଣାଣି କରାଯାଇଥିବାରୁ ଅଞ୍ଚଳର ଜନସାଧାରଣ ଓ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରଛନ୍ତି। ଯେଉଁ ଯୋଜନାକୁ ନେଇ ସମୀକ୍ଷା ଶିବିର ହେଉଛି ସେଥିରେ ବହୁ ହେରଫେର କରାଯାଇଥିବା ଜନ ପ୍ରତିନିଧି ଓ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଲୋକଙ୍କୁ ସାମିଲ ନ କରି କାଗଜ କଲମରେ ସମୀକ୍ଷା ରିପୋର୍ଟ ସବୁ ଠିକ ଚାଲିଥିବା ଦର୍ଶାଯାଉଛି ବୋଲି ଜନପ୍ରତିନିଧିମାନେ କହିଥିଲେ। ସରପଞ୍ଚମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି। ପ୍ରତେକ ଯୋଜନାରୁ ସେମାନଙ୍କୁ ପ୍ରଶାସନ ଅନ୍ଧାରରେ ରଖୁଛି। ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତେକ ପଞ୍ଚାୟତର ଗ୍ରାମରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରି ଲୋକଙ୍କୁ ସୂଚନା ପ୍ରଦାନ କରାଯାଉନାହିଁ। ଏଭଳି କ୍ଷେତ୍ରରେ ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମୁହଁ ଖୋଲୁନାହାନ୍ତି। ଏନେଇ ବିଡିଓ ତାଣ୍ଡିଙ୍କୁ ପଚାରିବାରୁ ସେ ସମୀକ୍ଷା ବୈଠକ ପାଇଁ ସପ୍ତାହ ପୂର୍ବରୁ କରାଯାଇଥିବା ଚିଠି ଦେଖାଇଥିଲେ। ଆମେ ଚିଠି କରିଛୁ ମାତ୍ର କାହିଁକି ସମସ୍ତ ଲାଇନ ବିଭାଗ ଓ ଜନ ପ୍ରତିନିଧି ପହଞ୍ଚିପାରିଲେ ନାହିଁ ବୁଝିପାରୁନି ବୋଲି କହିଥିଲେ। ତେବେ ଆଜିର ସମୀକ୍ଷା କାର୍ଯ୍ୟକ୍ରମରେଯାହା ତ୍ରୁଟି ରହିଗଲା ଆଗକୁ ଏହାର ପୁନରାବୃତ୍ତି ଯେପରି ନ ହେବ ଦେଖିବି ବୋଲି କହିଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ନାଟକ ମାଧ୍ୟମରେ ସଚେତନତା


କଳାକାରମାନେ ନାଟକମାଧ୍ୟମରେ ସଚେତନ କରୁଛନ୍ତି।

ଦଶମନ୍ତପୁର, ୨୩।୨ (ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ଥାନା ଓ ଗାନ୍ଧୀ ଛକଠାରେ ବନ ବିଭାଗ ପକ୍ଷରୁ ଶୁକ୍ରବାର ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବନପାଳ ରାଜୀବ ଲୋଚନ ଖିଲଙ୍କ ତତ୍ତ୍ୱାବଧାନରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜଙ୍ଗଲ ନିଆଁକୁ ରୋକିବା ଏବଂ ଜଙ୍ଗଲକୁ ନଷ୍ଟ ନ କରି ଜଙ୍ଗଲ ସୃଷ୍ଟି କରିବା ନେଇ ଅଞ୍ଚଳବାସୀଙ୍କୁ ସଚେତନ କରାଯାଇଥିଲା। ବନାଞ୍ଚଳ ଅଧିକାରୀ କୁମାର ଖରା, ଲକ୍ଷ୍ମୀପୁର ବନପାଳ ଜୟଶଙ୍କର ପଦକା, ବନରକ୍ଷୀ ପଲସୁ ଦିଶାରି, ବୀରେନ ଷଡଙ୍ଗୀ, ବାବୁଲା ଖେମଣ୍ଡୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜଙ୍ଗଲ ଥିବାରୁ ପଶୁପକ୍ଷୀ, ଜୀବଜନ୍ତୁ ଏବଂ ମଣିଷଙ୍କ ପାଇଁ ହେଉଥିବା ଉପକାର ସମ୍ପର୍କରେ ବନପାଳ ଖିଲ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏପରି ସଚେତନମୂଳକ କାର୍ଯ୍ୟକ୍ରମ ବ୍ଲକର ପ୍ରତ୍ୟେକ ପଞ୍ଚାୟତରେ କରାଯିବ ବୋଲି ସେ କହିଥିଲେ।

# ଜମିରେ ଟାୱାର ନିର୍ମାଣ କରିବାକୁ କହି ଲକ୍ଷାଧିକ ଠକେଇ

ନନ୍ଦପୁର, ୨୩।୨ (ଶଙ୍କର ପୂଜାରୀ)

ତୁମ ଜମିରେ ଏକ କମ୍ପାନୀର ଟେଲିଫୋନ ଟାୱାର ବସିବ। ତୁମକୁ ମାସିକ ଭଡ଼ା ମିଳିବ ଓ ପରିବାରର ଜଣକୁ ନିଯୁକ୍ତି ମିଳିବ। ମାତ୍ର ଜମି ମାଲିକଙ୍କୁ ଏବାବଦରେ ଅଗ୍ରୀମ କିଛି ଟଙ୍କା କାଗଜ ପତ୍ର ଲାଗି ଖର୍ଚ୍ଚ କରିବାକୁ ପଡିବ ବୋଲି କହି ଜଣେ ଜଣେ ନନ୍ଦପୁର ବ୍ଲକ ଖେମୁଣ୍ଡୁଗୁଡା ପଞ୍ଚାୟତ ବୈରାଗିପୁଟ ଗ୍ରାମର ମଦନ ବୁରୁଡିଙ୍କଠାରୁ ୧ ଲକ୍ଷ ୯୬ ହଜାର ୮୦୦ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ମଦନଙ୍କୁ ବାରମ୍ବାର ଫୋନ କରି ତାଙ୍କ ମନରେ ବିଶ୍ୱାସ ଜମାଇ କାଗଜପତ୍ର କରିବା ଆଳରେ ୬ଥରେ ଉପରୋକ୍ତ ପରିମାଣର ଟଙ୍କା ଠକି ନେଇଥିବା ଜଣାପଡିଛି। ଗୁଗଲ ପେ ଥିବା ଫୋନ ନମ୍ବର୍ ୮୩୩୫୮୭୯୬୫୯ ଓ ୯୪୭୭୯୪୦୪୮୦ରେ ଟଙ୍କା ପଠାଇବା ପରେ ମଦନ ସମ୍ପୃକ୍ତ ଫୋନ ନମ୍ବର୍ ସହ ୯୪୩୮୨୬୭୩୪୯କୁ ଫୋନ କରି ଟାୱାର ନିର୍ମାଣ କିମ୍ବା ଟଙ୍କା ଫେରସ୍ତ କଥା ପଚାରିଲେ ତାଙ୍କୁ ଅପରପଟୁ ଧମକଚମକ ମିଳୁଥିବା ମଦନ କହିଛନ୍ତି। ଏନେଇ ସେ ଶୁକ୍ରବାର ପ୍ରଥମେ କୋରାପୁଟ ସାଇବର ଥାନାରେ ଏତଲା ଦେବାକୁ ଯାଇଥିଲେ। ସେଠାରେ ଠକାମି ଅର୍ଥ ୨ ଲକ୍ଷ ଟଙ୍କାରୁ କମ୍ ଥିବା କହି ନନ୍ଦପୁର ଥାନାରେ ଏତଲା ଦେବାକୁ ତାଙ୍କୁ କୁହାଯାଇଥିଲା। ପରେ ସେ ନନ୍ଦପୁର ଥାନାରେ ଏତଲା ଦେଇଛନ୍ତି। ଏସଡିପିଓ ସସ୍ମିତ ମାଝୀ ଓ ଥାନାଧିକାରୀ ଅଶ୍ରିତା ଖାଲକୋ ଘଟଣାର ତଦନ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ୩୩୩ ନୂତନ ହିତାଧିକାରୀଙ୍କୁ ଭତ୍ତା

ଜୟପୁର, ୨୩।୨ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ହିତାଧିକାରୀଙ୍କୁ ଶୁକ୍ରବାର ଭତ୍ତା ପ୍ରଦାନ କରାଯାଇଛି । ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୨ ପଞ୍ଚାୟତର ୩୩୩ ହିତାଧିକାରୀଙ୍କୁ ଏହା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ତିଳୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକ, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ବୋଧନ ଦେଉଛନ୍ତି ।

# ପୌରପାଳିକା-ହାଲ୍ ମଧ୍ୟରେ ଦ୍ୱିତୀୟ ଏମ୍‌ଓୟୁ ସ୍ୱାକ୍ଷର

ଜୟପୁର, ୨୩।୨ (ପବନ ପାଣିଗ୍ରାହୀ)

- ଐତିହାସିକ ଜଗନ୍ନାଥ ସାଗର ବିକାଶ ପ୍ରସଙ୍ଗ
- ୩ ବର୍ଷରେ ୬ କୋଟି ଦେବ ହାଲ୍

ଜୟପୁରବାସୀଙ୍କ ବହୁ ବର୍ଷ ଦାବି ପୂରଣ ହେବାକୁ ଯାଉଛି । ଐତିହାସିକ ଜଗନ୍ନାଥ ସାଗରର ବିକାଶ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ପୌରପାଳିକା ଓ ହାଲ୍ ମଧ୍ୟରେ ଦ୍ୱିତୀୟ ଚୁକ୍ତିନାମା ସୁନାବେଡ଼ାସ୍ଥିତ ହାଲ ପରିସରରେ ଶୁକ୍ରବାର ସ୍ୱାକ୍ଷର ହୋଇଛି। ୩ବର୍ଷରେ ହାଲ ଜଗନ୍ନାଥ ସାଗରର ବିକାଶ ପାଇଁ ୬ କୋଟି ଟଙ୍କା ପ୍ରଦାନ କରିବ। ଏହି ଅର୍ଥରେ ଆସନ୍ତା ମାର୍ଚ୍ଚ ୫ରୁ କାର୍ଯ୍ୟ ଆରମ୍ଭ ହେବ। ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ପିଡି ଦେବୀପ୍ରସାଦ ତାଲି, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଉପାଧକ୍ଷ ବି. ସୁନିତା, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ହାଲର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅର୍ଥରେ ମୁଖ୍ୟ ଗେଟ୍ ନିର୍ମାଣ, ପିଲାଙ୍କ ପାଇଁ ଚିତ୍ତ ବିନୋଦନ କେନ୍ଦ୍ର, ବରିଷ୍ଠ ନାଗରିକ ବସିବା ସ୍ଥାନ, ଓପନ ଥିଏଟର, ଷ୍ଟେଜ, ଚଲାପଥ ଆଦି ବ୍ୟବସ୍ଥା କରାଯିବ। ଗତ ଦିନରେ ବିଧାୟକ ବାହିନୀପତି ଜଗନ୍ନାଥ ସାଗର ବିକାଶ ପାଇଁ ବାରମ୍ବାର ବିଧାନସଭାରେ ଦାବି କରିଥିଲେ। ସାଗରର ପୁନଃରୁଦ୍ଧାର ହେଲେ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି ବୋଲି ମତ ଦେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା।



ଏମ୍‌ଓୟୁକୁ ହସ୍ତାନ୍ତର କରାଯାଉଛି ।

# 'ଗ୍ରାମାଞ୍ଚଳରୁ ଲୁକ୍କାୟିତ କ୍ରୀଡ଼ା ପ୍ରତିଭା ଆଗକୁ ବଢ଼ିବେ'



ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି।



ଜିଲାପାଳ ବ୍ୟାଡ୍‌ମିଣ୍ଟନ ଖେଳୁଛନ୍ତି।

ଉମରକୋଟ, ୨୩।୨ (ସନ୍ତୋଷ ଶତପଥୀ)

### ଇନ୍‌ଡୋର ଷ୍ଟାଡିୟମ ଲୋକାର୍ପିତ

ନବରଙ୍ଗପୁର ଜିଲା ଉମରକୋଟ ପୌରାଞ୍ଚଳ ଦାଢ଼ିଗୁଡ଼ାସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ କ୍ରୀଡ଼ା ଭିତ୍ତିଭୂମି ଉଦ୍‌ଘାଟନ ଓ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଉମରକୋଟସ୍ଥିତ ଏହି ଇନ୍‌ଡୋର ଷ୍ଟାଡିୟମକୁ ଲୋକାର୍ପଣ କରିଛନ୍ତି। ଉମରକୋଟରେ ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଜିଲା ପରିଷଦ ଉପାଧ୍ୟକ୍ଷ ଲିପିକା ବାରୋଇ, ପୌରାଧ୍ୟକ୍ଷ ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ବ୍ଲକ ଅଧ୍ୟକ୍ଷ ସୁଶୀଳା ମାଝି, ଉଠା ଜଳସେଚନ ଉପଦେଷ୍ଟା ପ୍ରମୋଦ ପାଢ଼ୀ, କାଉନସିଲର ମନୋଜ ନାୟକ, ଜିଲାପାଳ ଡ.କମଳ ଲୋଚନ ମିଶ୍ର, ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନନ୍ଦ (ରାଜସ୍ୱ), ଉମରକୋଟ ବିଡିଓ ପ୍ରୀତିରଞ୍ଜନ ରଥ, ଜିଲା କ୍ରୀଡ଼ାଧିକାରୀ ଶିବ ଶଙ୍କର ପାଢ଼ି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇନ୍‌ଡୋର ଷ୍ଟାଡିୟମରେ ବ୍ୟାଡ୍‌ମିଣ୍ଟନ, ଟେବୁଲ ଟେନିସ ଓ ବ୍ୟାୟାମ ପାଇଁ ଅନେକ ସରଞ୍ଜାମ ରହିଛି। ଏହି ଭଳି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଫଳରେ ଗ୍ରାମାଞ୍ଚଳରୁ ଅନେକ ଲୁକାୟିତ କ୍ରୀଡ଼ା ପ୍ରତିଭା ଆଗକୁ ଆସି ଦେଶ ଓ ବିଦେଶରେ ଓଡ଼ିଶାର ଗୌରବ ବଢ଼ାଇବେ ବୋଲି ସୂଚନା ମିଳିଛି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଜିଲା କ୍ରୀଡ଼ା ବିଭାଗ ଅଧୀନରେ ରହିଛି। ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ଯେଉଁ ନିୟମ ଆସିବ ତାକୁ ନେଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ଏହି ପୂର୍ତ୍ତ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମାର୍ଚ୍ଚ ୯ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧୀକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧୀକରଣ ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ୯ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଦୌରାଜଜ୍‌ତଥା ଜିଲା ଆଇନ ସେବା ପ୍ରାଧୀକରଣ ଅଧ୍ୟକ୍ଷ ସଂଜୀବ ଦୁବେଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦହାଣ୍ଡି ଓ ଝରିଗାଁରେ ଥିବା ବିଚାରାଳୟ ଗୁଡିକରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଯଥା- ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ ଆଦିର ଅପୋକ୍ଷ ସହମତିରେ ସହଜ, ଚୁଡାନ୍ତ ଏବଂ ଅମଳଯୋଗ୍ୟ ସମାଧାନ କରାଯିବ। ଏହା ବ୍ୟତିତ ପ୍ରାକ ମକଦ୍ଦମାସ୍ତରୀୟ ଯଥା ବ୍ୟାଙ୍କ ଋଣ ଦେୟ, ବିଜୁଳି/ ଜଳଯୋଗାଣ ଦେୟ, ଚେକ ବାଉନ୍ସ ସମ୍ବନ୍ଧୀୟ ଓ ଶ୍ରମ ବିବାଦ ଆଦିର ଅପୋକ୍ଷ ସହମତିରେ ସମାଧାନ କରାଯିବ। ସବିଶେଷ ବିବରଣୀ ପାଇଁ ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧୀକରଣ, ତାଲୁକ ଆଇନ ସେବା କମିଟି ଉମରକୋଟ ଓ ଚନ୍ଦହାଣ୍ଡି ସହ ତୁରନ୍ତ ଯୋଗାଯୋଗ କରନ୍ତୁ ବୋଲି ଜିଲା ଆଇନ ସେବା ପ୍ରାଧୀକରଣର ସଚିବ ଜନକ ରାଉତ ସୂଚନା ଦେଇଛନ୍ତି। ଯୋଗାଯୋଗ ନମ୍ବର ୧୫୧୦୦/ ୦୬୮୫୮-୨୨୨୪୪୫/ ୦୬୮୫୮-୨୨୨୫୪୫ ପ୍ରଦାନ କରାଯାଇଛି।

### ନାଚ ପାଇଁ ଟଙ୍କା ନ ଦେବାରୁ ଦୋକାନୀଙ୍କୁ ବାସନ୍ଦ ଅଭିଯୋଗ



ପାପଡାହାଣ୍ଡି, ୨୩।୨ (ସ୍ୱପ୍ନଜିତ ପଟ୍ଟନାୟକ)

ବାଲି ଯାତ୍ରାରେ ଦେଶିଆ ନାଚ ପାଇଁ ଟଙ୍କା ନ ଦେବାରୁ ବାସନ୍ଦ କରାଯାଇଥିବା ନେଇ ବଡ଼ବାର୍ଲି ଗ୍ରାମର ଦୋକାନୀ କରେଶ ଟାକ୍ରୀ ଅଭିଯୋଗ କରିଛନ୍ତି। ସେ ଶୁକ୍ରବାର ଏ ନେଇ ମଇଦଲପୁର ଥାନାରେ ଏତଲା ଦେଇଛନ୍ତି। ସୂଚନାନୁଯାୟୀ, ସାନବାର୍ଲି ପଞ୍ଚାୟତ ବଡ଼ବାର୍ଲି ଗ୍ରାମରେ ୨୦ ତାରିଖ ଦିନ ବାଲି ଯାତ୍ରା ହୋଇଥିଲା। ବାଲିଯାତ୍ରା କମିଟି ଗ୍ରାମର ୩ଜଣ ଦୋକାନୀଙ୍କୁ ଗୋଟିଏ ଗୋଟିଏ ଦେଶିଆ ନାଚ ଲାଗି ଟଙ୍କା ଦେବାକୁ କହିଥିଲେ। ୨ ଜଣ ନାଚ ବାବଦ ଟଙ୍କା ଦେଇଥିଲେ। କିନ୍ତୁ କରେଶ ଟଙ୍କା ଦେଇ ପାରି ନ ଥିଲେ। ଫଳରେ ଦେଶିଆ ନାଚ ହୋଇପାରି ନ ଥିଲା। ଏହାପରେ କରେଶ ଯାତ୍ରା କମିଟି ସଦସ୍ୟଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ଟମାଟ ବାଡ଼କୁ ଲୋକେ ନଷ୍ଟ କରିଦେଇଥିବା ବେଳେ କୌଣସି ଗ୍ରାହକ ଦୋକାନ ଆସୁ ନ ଥିବା ଓ ତାଙ୍କ ପରିବାର ଲୋକଙ୍କ ସହ କେହି କଥା ହେଉ ନ ଥିବା ଏତଲାରେ ଉଲ୍ଲେଖ ରହିଛି। ଶନିବାର ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରାଯିବ ବୋଲି ମଇଦଲପୁର ଥାନା ଅଧିକାରୀ ଯୋଗେଶ୍ୱର ଦଣ୍ଡସେନା କହିଛନ୍ତି।

# ପୂର୍ବ ପ୍ରସ୍ତୁତି ଧନଜୀବନ ହାନି ରୋକିପାରିବ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

### ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ମଶାଳା

କୋଷାଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏକ କର୍ମଶାଳା ବିଡିଓ ଅସିତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିପର୍ଯ୍ୟୟକୁ ରୋକାଯାଇ ପାରିବ ନାହିଁ। କିନ୍ତୁ ପୂର୍ବ ପ୍ରସ୍ତୁତି ଧନଜୀବନ ହାନିକୁ ପ୍ରଶମିତ କରି ପାରିବ। ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଏବଂ ପ୍ରଶିକ୍ଷଣ ଜରୁରୀ ବୋଲି ବିଡିଓ କହିଛନ୍ତି। କୋଷାଗୁମୁଡ଼ା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ କୁମାର ନାୟକ, ଜିଲା ଜରୁରୀ କାଳୀନ ଅଧିକାରୀ ବିନାୟକ ଖାଡଙ୍ଗା, ଓଡ଼ିଶା ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ମଞ୍ଚାସୀନ ଥିଲେ। କୋଷାଗୁମୁଡ଼ା ବ୍ଲକର ୧୧ ଗ୍ରାମରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି ସମ୍ପର୍କରେ ଏକ ଖସଡା ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ନବରଙ୍ଗପୁର ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରସ୍ତୁତି ଏବଂ ଖସଡା ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ସହିତ କୋଷାଗୁମୁଡ଼ା ସମିତି ସଭ୍ୟ ଲଛମନ ପୂଜାରୀ, ଗୁଣସାଗର ଚୌଧୁରୀ, କଛାମାଳ ସରପଞ୍ଚ ଉମାଦେବୀ ନାୟକ, ଚିରମା ସରପଞ୍ଚ ଦଶମୀ ଚାଲାଣ, ପଣ୍ଡୁଗୁଡା ସରପଞ୍ଚ ନରସିଂହ ଭତ୍ରା, ଫାରଶାଗୁଡା ସରପଞ୍ଚ ନରସିଂହ ମାଝି, କେ.ସେମଳା ସରପଞ୍ଚ ମଞ୍ଜୁଲତା ରନ୍ଧାରୀ, ସନ୍ତୋଷପୁର ସରପଞ୍ଚ ରାଧା ମାଝି, ବଡଗୁମୁଡ଼ା ସରପଞ୍ଚ ବାସନ୍ତୀ ଭତ୍ରା, କୋଷାଗୁମୁଡ଼ା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଯମୁନା ଭତ୍ରା, ସହକାରୀ ମତ୍ସ୍ୟାଧିକାରୀ ଗିରିଜା ଶଙ୍କର ପଟନାୟକଙ୍କ ସହିତ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ନୋଡାଲ ଅଫିସର ତଥା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଉପସ୍ଥିତ ଲୋକପ୍ରତିନିଧି ଓ ଅନ୍ୟମାନେ।

# ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଆଶାଙ୍କ ଦାୟିତ୍ୱ ଅତୁଳନୀୟ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

### ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ

ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରି ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆଶାମାନଙ୍କ ଦରମା ନ ଥିଲେ ସୁଦ୍ଧା ସେମାନେ ପ୍ରୋତ୍ସାହନ ରାଶି ପାଉଛନ୍ତି। ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଆଶାମାନଙ୍କ ଦାୟିତ୍ୱ ଅତୁଳନୀୟ ବୋଲି ସେ କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ୧୦ ଆଶା, ୧୦ ଗାଁ କଲ୍ୟାଣ ସମିତି, ୯ ଶ୍ରେଷ୍ଠ ମହିଳା ଆରୋଗ୍ୟ ସମିତିଙ୍କୁ ମାନପତ୍ର ଓ ଉପଢୌକନ ଦେଇ ଜିଲାପାଳ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରା, ଏଡିଏମ୍‌ଓ(ମେଡିକାଲ) ସୁକାନ୍ତ ଶତପଥୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ଅଫିସର ସୁଶାନ୍ତ କୁମାର ପ୍ରହରାଜ ଓ ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ୫୦୦ ଆଶା, ଅଙ୍ଗନୱାଡି, ୱାର୍ଡ ମେମ୍ବର, ମହିଳା ସ୍ୱାସ୍ଥ୍ୟକର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ସମ୍ମାନିତ ହୋଇଥିବା ଆଶା ଓ ଅନ୍ୟମାନେ।

## ଚକାମାଲ ଗାଁ କଲ୍ୟାଣ ସମିତି ପୁରସ୍କୃତ

ଚନ୍ଦାହାଣ୍ଡି, ୨୩।୨ (ଦିଲୀପ ଦାସ)

ଉତ୍ତମ ସୁସ୍ଥ ଗାଁ ଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ଗାଁ କଲ୍ୟାଣ ସମିତିକୁ ଶୁକ୍ରବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀରେ ପୁରସ୍କୃତ କରାଯାଇଛି। ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁସ୍ଥ ଗାଁ ଗଠନରେ ଅବଦାନ ରହିଥିବା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଅନକାବେଡ଼ା ପଞ୍ଚାୟତ ଚକାମାଲର ମା' କାତ୍ୟାୟିନୀ ଗାଁ କଲ୍ୟାଣ ସମିତିକୁ ପୁରସ୍କୃତ କରାଯାଇଛି। ଚକାମାଲ ଗାଁ କଲ୍ୟାଣ ସମିତିର ଅଙ୍ଗନୱାଡି କର୍ମୀ ପ୍ରତିମା ସୋରୀ, ଅଧ୍ୟକ୍ଷ ବଳଭଦ୍ର ନାଗ ଓ ଆଶାକର୍ମୀ ଲଳିତା ଦେଇ ପୁରସ୍କାର ରାଶୀ ଓ ମାନପତ୍ର ଗ୍ରହଣ କରିଥିଲେ।

# ଡାକ୍ତରଖାନାର କାମ ନିମ୍ନମାନର

ଉମରକୋଟ, ୨୩।୨ (ସନ୍ତୋଷ ଶତପଥୀ)

### ତଦାରଖ କରି ବିରକ୍ତି ପ୍ରକାଶ କଲେ ଉଠା ଜଳସେଚନ ପ୍ରକଳ୍ପ ଉପଦେଷ୍ଟା

ମାତୃ ଓ ଶିଶୁ କଲ୍ୟାଣ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆମ ହସ୍ପିଟାଲ ନିର୍ମାଣ କାର୍ଯ୍ୟକୁ ରାଜ୍ୟ ଉଠା ଜଳସେଚନ ପ୍ରକଳ୍ପ ଉପଦେଷ୍ଟା ପ୍ରମୋଦ କୁମାର ପାଢୀ ଶୁକ୍ରବାର ତଦାରଖ କରିଥିଲେ। ନିମ୍ନମାନର କାର୍ଯ୍ୟକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତେବେ ଠିକ ଭାବେ କାର୍ଯ୍ୟ ତଦାରଖ କରୁ ନ ଥିବାବେଳେ ଓ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା କ'ଣ ପାଇଁ ବୋଲି ପ୍ରଶ୍ନ କରିବା ସହ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରିଥିଲେ।

ମାତୃ ଓ ଶିଶୁ କଲ୍ୟାଣ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାୟ ୯କୋଟି ଓ ଆମ ହସ୍ପିଟାଲ କାର୍ଯ୍ୟରେ ପ୍ରାୟ ୨ କୋଟି ୯୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସରକାର ଜନହିତକର କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଦେଉଛନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଏହି ଆମ ହସ୍ପିଟାଲ ଉଦ୍‌ଘାଟନ କରାଯିବ। ଭଙ୍ଗାଭଙ୍ଗି ଅବସ୍ଥାରେ ଉଦ୍‌ଘାଟନ କରାଯିବ କି ବୋଲି ସେ ପ୍ରଶ୍ନ କରିଥିଲେ। ରୋଗୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନ ଆସିବା ପୂର୍ବରୁ ଟାଇଲ ଫାଟି ଯାଇଥିବାବେଳେ ରାସ୍ତାର ପେଭର ଇଟା ଫୁଟେ ଲେଖା ଦବି ଗଲାଣି। ଏଥିସହ ସ୍ଥାନେସ୍ଥାନେ କଲର ଛାଡ଼ି ଯାଇଥିବାବେଳେ ଛୁଇଁ ଦେବା ମାତ୍ରେ କବାଟ ଖୋଲି ଯାଉଛି ବୋଲି କହିଥିଲେ। ଆମ ହସ୍ପିଟାଲ କାର୍ଯ୍ୟରେ ବ୍ୟବହାର ହୋଇଥିବା ଫଟା ଟାଇଲ ଲାଗିଥିବା ଦେଖି ରାଜ୍ୟ ଉଠାଜଳ ସେଚନ ଉପଦେଷ୍ଟା ବିରକ୍ତ ଭାବ ପ୍ରକାଶ କରିଥିଲେ। ଏହି ପରିଦର୍ଶନ ସମୟରେ ପ୍ରମୋଦଙ୍କ ସହିତ ପୌର ଉପାଧ୍ୟକ୍ଷ ସୁଧାଂଶୁ ଦାସ, କାଉନସିଲର ମନୋଜ ନାୟକ ରହିଥିଲେ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମରନାଥ ନାୟକ, ସହକାରୀ ଯନ୍ତ୍ରୀ ଗୌରାଙ୍ଗ ପ୍ରସାଦ ମାଝି, କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ। ଯେଉଁ ସବୁ କାର୍ଯ୍ୟ ଖରାପ ହୋଇଛି ସେ ସବୁ ଆଗାମୀ ସାତ ଦିନ ମଧ୍ୟରେ ଠିକ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।



ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ଯାଞ୍ଚ କରାଯାଉଛି।

## ରୋଗୀ କଲ୍ୟାଣ ସମିତି ବୈଠକ

ଚିତ୍ରକୋଣ୍ଡା, ୨୩।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଚିକିତ୍ସାଳୟ ଅଧକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତଙ୍କ ତତ୍ତ୍ୱାବଧାନରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଅଧ୍ୟକ୍ଷତା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ଖିଲ, ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଓ ଚିତ୍ରକୋଣ୍ଡା ଜୋନ୍-୧ ଜିଲା ପରିଷଦ ସଦସ୍ୟା ବିନତି ଖିଲଙ୍କ ସମେତ ଡାକ୍ତର, କର୍ମଚାରୀ ଓ କମିଟି ସଦସ୍ୟମାନେ ଉପସ୍ଥତ ଥିଲେ। ଚଳିତ ଆର୍ଥିକ ବର୍ଷ ୨୦୨୩-୨୦୨୪ରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଓ ଆୟବ୍ୟୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଚିକିତ୍ସାଳୟରେ କେଉଁସବୁ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ନେଇ ଆଲୋଚନାକରି ନିଷ୍ପତ୍ତି ନିଆଯାଇଥିଲା। ଆକାଉଣ୍ଟାଣ୍ଟ ରାଜେନ୍ଦ୍ର ଦାସ ଏବଂ ସନ୍ତୋଷ ଶାହା ପରିଚାଳନା କରିଥିଲେ। ଫାର୍ମାସିଷ୍ଟ ଏମ୍. ଶ୍ରୀନିବାସ ନାୟକ ଧନ୍ୟବାଦ ଦେଇଥିଲେ।

# ସ୍ୱାଭିମାନ ଅଞ୍ଚଳ ୫୦ ମତ୍ସ୍ୟଚାଷୀଙ୍କୁ ମିଳିଲା ଡଙ୍ଗା



ଡଙ୍ଗା ବଣ୍ଟନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବାକୁ ଆସୁଛନ୍ତି ବିଧାୟକ।

ଚିତ୍ରକୋଣ୍ଡା, ୨୩।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିକଟସ୍ଥ ସ୍ୱିଲବାଇ ଲଞ୍ଚଘାଟ ମାଟିବନ୍ଧଠାରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ସେତୁ ପ୍ରକଳ୍ପ ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟ ସମବାୟ ସମିତିର ୫୦ ଜଣ ମାଛ ଚାଷୀଙ୍କୁ ଡଙ୍ଗା ପ୍ରଦାନ କରାଯାଇଛି। ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ସେମାନଙ୍କୁ ଡଙ୍ଗା ସହ ଲାଇଫ ଜ୍ୟାକେଟ ପ୍ରଦାନ କରିଛନ୍ତି। ଗତ ୨ବର୍ଷ ତଳେ ବିଧାୟକ ସ୍ୱାଭିମାନ ଅଞ୍ଚଳର ମାଛଚାଷୀଙ୍କୁ ୬୦ଟି ଡଙ୍ଗା ପ୍ରଦାନ କରିଥିଲେ। ଏହି ଡଙ୍ଗା ପ୍ରଦାନ ଦ୍ୱାରା ମତ୍ସ୍ୟଚାଷୀଙ୍କ ଜୀବନ ଜିବିକାରେ ଉନ୍ନତି ଘଟିବ ବୋଲି ବିଧାୟକ ବାକା କହିଛନ୍ତି। କାର୍ଯ୍ୟକ୍ରମ କୋରାପୁଟ ଜୋନ୍‌ର ଉପ ମତ୍ସ୍ୟ ନିର୍ଦ୍ଦେଶକ ସନ୍ତୋଷ ଦଳେଇ, ମାଲକାନଗିରି ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ ଗୌଡ଼, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ମନୋଜ ଜେନା, ଓପିଡିଏସ୍‌ର ଏଜିଏମ ଅମର ସାହୁ, ସମବାୟ ମତ୍ସ୍ୟ ନିରୀକ୍ଷକ ସଂଗ୍ରାମ କେଶରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁପ୍ରିୟା ସେତୁ ଉଦ୍‌ଘାଟନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଶହେ କୋଟି ପ୍ୟାକେଜରୁ ୨୦ କୋଟି ସ୍ୱାଭିମାନ ଅଞ୍ଚଳର ମତ୍ସ୍ୟଚାଷୀଙ୍କ ବିକାଶ ପାଇଁ ଘୋଷଣା କରାଯାଇଥିଲା। ପୂର୍ବରୁ ମତ୍ସ୍ୟ ସମବାୟ ମାଧ୍ୟମରେ ବାଲିମେଳା ଜଳ ଭଣ୍ଡାର, ଗୁରୁପ୍ରିୟା, ଡାଇକ ୱାନ୍ ଘାଟ ଭଳି ବିଭିନ୍ନ ସ୍ଥାନରେ ଅଙ୍ଗୁଳିକା ମାଛ ଯାଆଁଳ ଛଡ଼ାଯାଉଥିଲା। ପରେ ମତ୍ସ୍ୟଚାଷୀଙ୍କୁ ସମବାୟ ମାଧ୍ୟମରେ ମାଛ ମାରିବା ପାଇଁ ଜାଲ ପ୍ରଦାନ କରାଯାଇଥିଲା। ସ୍ୱାଭିମାନ ଅଞ୍ଚଳର ଶତାଧିକା ମତ୍ସ୍ୟ ଚାଷୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୁପରଭାଇଜର କୈଳାସ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂଜା ପାଇଲେ ୧୨୦ ଗାଁର ଲାଠି, କୁର୍ଚ୍ଚି ପାଲିଙ୍କି

ଡାବୁଗାଁ, ୨୩।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

### ଡାବୁଗାଁରେ ମାଘ ମଣ୍ଡେଇ

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାରେ ଆଦିବାସୀଙ୍କ ପାରମ୍ପରିକ ମାଘ ମଣ୍ଡେଇ ଗୁରୁବାର ପାଳିତ ହୋଇଯାଇଛି। ତୁରୀ, ବାଦ୍ୟ, ଢୋଲ, ମାଦଳ ବାଦ୍ୟର ତାଳେ ତାଳେ ଶେଷ ହୋଇଛି ଏହି ଉତ୍ସବ। ଏଥିରେ ଡାବୁଗାଁ ବ୍ଲକ ସମେତ ଆଖପାଖ ୧୨୦ ଗ୍ରାମରୁ ଲାଠି, କୁର୍ଚ୍ଚି ଓ ପାଲିଙ୍କିଙ୍କୁ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଅପରାହ୍ନରେ ସମସ୍ତ ଲାଠି, କୁର୍ଚ୍ଚି ନଗର ପରିକ୍ରମାକରି ଭୈରବ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୂଜାରୀ, ଶିରା ଓ ଦିଶାରୀମାନେ ସାଜସଜ୍ଜା ହୋଇ ଖଣ୍ଡା ଧରି ନୃତ୍ୟ ପରିବେଷଣ କରିଥିଲେ। ଲାଠି, କୁର୍ଚ୍ଚି, ଶିରା, ଦିଶାରୀମାନେ ବାଦ୍ୟର ତାଳେ ତାଳେ ନୃତ୍ୟକରି ବଜାର ପରିକ୍ରମା କରି ମନ୍ଦିରରେ ପହଞ୍ଚିଥିଲେ। ଶୁକ୍ରବାର ଲାଠି, କୁର୍ଚି ଓ ଶିରା ପୂଜାରୀମାନଙ୍କୁ ନୂତନ ବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇ ବିଦାୟ ଦିଆଯିବ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାତ୍ରିରେ କୋରାପୁଟ ଜିଲା ବୈପାରିଗୁଡ଼ା ବ୍ଲକ ଅଧୀନ କ୍ଷେମାବେଡ଼ା ଗ୍ରାମର କର୍ଣ୍ଣ ଗୁରୁଙ୍କ ନିର୍ଦ୍ଦେଶିତ କୋଉଠି ହଜିଲା ପ୍ରଥମ ପ୍ରେମ ଓ ଉମରକୋଟ ବ୍ଲକ ଅଧୀନ ଭାମିନୀ ଗ୍ରାମର ଗରିବ ଝିଅର ଲଭ୍ ଷ୍ଟୋରି ନାଟକ ପରିବେଷଣ କରାଯାଇଛି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଡାବୁଗାଁ କଂଗ୍ରେସ ଜୋନ୍-୧ ସଭାପତି ପ୍ରକାଶ ଚନ୍ଦ୍ର ପଣ୍ଡା, ପାପଡ଼ାହାଣ୍ଡି ଜିଲା ପରିଷଦ ସଭ୍ୟା ଡା. ଲିପିକା ମାଝି, ପ୍ରମୁଖ ଉପସ୍ଥିତ ଥିଲେ। କମିଟି ସଭାପତି ବିନୋଦ ସୌରା, ଉପସଭାପତି ସତ୍ୟରଞ୍ଜନ ପାତ୍ର, ସମ୍ପାଦକ ରାମକୁମାର ଗଣ୍ଡ, ସହ ସମ୍ପାଦକ ସୁରେନ୍ଦ୍ର ରେଲି, କୋଷାଧ୍ୟକ୍ଷ ଆର୍. ଶଙ୍କର ରାଓ, କୁନ୍ନୁ ପାତ୍ର, ତରଣୀ ରେଲୀ, ପାପନା ରେଲି, ଜିତୁ ରେଲୀ, ରାଜୁ ରେଲି, ମନୁ ରେଲି, ଭୈରବ ରାଓ ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଲାଠି, କୁର୍ଚ୍ଚି, ଶିରା ଓ ଦିଶାରୀମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରୁଛନ୍ତି।

# କେନ୍ଦ୍ର, ରାଜ୍ୟ ସରକାର କଂଗ୍ରେସକୁ ଡରୁଛନ୍ତି: ଭୁଜବଳ

### ନବରଙ୍ଗପୁର ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ

ନବରଙ୍ଗପୁର, ୨୩।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ଭୂଜବଳ ମାଝିଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କଂଗ୍ରେସକୁ ଡରୁଛି ବୋଲି ଭୁଜବଳ କହିଛନ୍ତି।

ଗୁରୁବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନବରଙ୍ଗପୁର ଗସ୍ତକୁ ନେଇ ଉଭୟ ଭାଜପା ଓ ବିଜେଡି ସରକାର ଉପରେ ଭୂଜବଳ ବର୍ଷିଛନ୍ତି। ଉଭୟ ସରକାର ୪ ବର୍ଷ ପର୍ଯ୍ୟନ୍ତ କିଛି କରି ନ ଥିବାବେଳେ ଏବେ ୫ମ ତଥା ନିର୍ବାଚନୀ ବର୍ଷରେ ଭୋଟ ହାତେଇବା ପାଇଁ ସମସ୍ତ ଯୋଜନା କରୁଛନ୍ତି। ସବୁ ଯୋଜନାରେ ଦୁର୍ନୀତିର ଗନ୍ଧ ବାରି ହେଉଛି ବୋଲି ସେ କହିଛନ୍ତି। ସବୁ ଯୋଜନାରେ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସବୁଥିରେ ବ୍ୟାପକ ଦୁର୍ନୀତି ହେଉଛି। ଏହି ଦୁର୍ନୀତିର ଅର୍ଥକୁ ଆଗାମୀ ନିର୍ବାଚନରେ ବିଜେଡି ଖର୍ଚ୍ଚ କରିବ ବୋଲି ଭୁଜବଳ ଅଭିଯୋଗ କରିଛନ୍ତି। ରାଜ୍ୟରେ ୪୦ ପ୍ରତିଶତ ପିସି ସରକାର ଚାଲିଛି ବୋଲି ସେ କହିଥିଲେ। ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ଓଡିଶା ଗସ୍ତରେ ଆସି ରାଜ୍ୟ ସରକାରଙ୍କୁ ବିରୋଧ ନ କରି କେବଳ କଂଗ୍ରେସ ବିପକ୍ଷରେ କହିଥିଲେ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ପାଇଁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ତେବେ ଓଡ଼ିଶାରେ କଣ ଡବଲ ଇଂଜିନ ସରକାର ଚାଲିନ ବୋଲି ସେ ପ୍ରଶ୍ନ କରିଥିଲେ। ରାଜ୍ୟସଭା ନିର୍ବାଚନରେ ବିଜେଡି ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରି ମିଳିତ ସରକାରର ଉଦାହରଣ ଦେଇଛି ବୋଲି ଭୁଜବଳ କହିଛନ୍ତି। ଓଡ଼ିଶାବାସୀ ସବୁ ଜାଣି ସାରିଲେଣି। ଆଗାମି ଦିନରେ ଉଚିତ ଶିକ୍ଷା ଦେବେ ବୋଲି ସେ କହିଥିଲେ।

ନବରଙ୍ଗପୁର ଜିଲାରେ ଶିଳ୍ପ ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ନାହିଁ। କାମ ନ ପାଇଁ ଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବା ପାଇଁ ଯାଉଛନ୍ତି। ବର୍ତ୍ତମାନର ସରକାରଙ୍କୁ ବେକାରୀ ବିରୋଧୀ ସରକାର ବୋଲି ବି କୁହାଯିବ। ଭାଜପା ଓ ବିଜେଡି ଚାଷୀଙ୍କ ପ୍ରତି ଧ୍ୟାନ ଦେଉ ନ ଥିବା ଭୁଜବଳ କହିଛନ୍ତି। ଭାଜପା ନିର୍ବାଚନ ଇସ୍ତାହାର ପାଳନ କରିବାରେ ବିଫଳ ହୋଇଛି। ବର୍ଷକୁ ୨ କୋଟି ଚାକିରୀ କୁଆଡେ ଗଲା ବୋଲି କହିବା ସହ ନବରଙ୍ଗପୁରକୁ ଆସି ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ପଦେ ନ କହିବା ଆଦିବାସୀଙ୍କ ପ୍ରତି କି ପ୍ରକାର ଦରଦ ରହିଛି ବୋଲି ଜଣାପଡୁଛି ବୋଲି ଜିଲାପରିଷଦ ସଭ୍ୟା ଡା.ଲିପିକା ମାଝି, ବୃନ୍ଦା ତ୍ରିପାଠୀ, ଦ୍ୱାରିକା ମହାପାତ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସାହୁ, ମୁନା ବେସ୍ରା, ଗୋପାଳ ତ୍ରିପାଠୀ, ଗଣେଶ୍ୱର ପଟ୍ଟନାୟକ, ସୁରଜ ଲାଲ, ଆକବର ହୁସେନ ପ୍ରମୁଖ ଯୋଗ ଦେଇଥିଲେ।




ଖବରଦାତା ସମ୍ମିଳୀରେ ଉପସ୍ଥିତ କଂଗ୍ରେସ ନେତାମାନେ।

